


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୧୯୪ ● ୧୧ ଅଗଷ୍ଟ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-194 ● 11th August 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ନିର୍ମାଣ ହେବ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର ୬ ଲେନ ରାସ୍ତା

ଭୁବନେଶ୍ୱର/କୋରାପୁଟ, ୧୦।୮

ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଠାରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟର ଉଦ୍‌ଘାଟନ କରିଛନ୍ତି ଏବଂ ଏହି ଅବସରରେ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡର ୬ ଲେନ ବିଶିଷ୍ଟ ରାସ୍ତା ଖୁବଶୀଘ୍ର ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥି ସହିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଆବଶ୍ୟକ ଥିବା ସମସ୍ତ ଖାଲି ପଡ଼ିଥିବା ସ୍ୱାସ୍ଥ୍ୟ ସେବା ପଦବୀ ପୂରଣ ହେବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ପାଇଁ କୋରାପୁଟବାସୀଙ୍କୁ ଯେପରି ଆଉ ଦୂର ଦୂରାନ୍ତ ସହରକୁ ଯାଇ ହଇରାଣ ହରକତ ହେବାକୁ ନପଡେ ସେଥିପାଇଁ ଆମ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି । ଏହି ମେଡିକାଲ କଲେଜ ହସ୍ପିଟାଲ ଦ୍ୱାରା କୋରାପୁଟ ସମେତ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ଲୋକମାନେ ମଧ୍ୟ ଉପକୃତ ହେବେ। ଏହି ନୂଆ ହସ୍ପିଟାଲରେ ଲୋକେ ସବୁପ୍ରକାରର ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ।

ସେ କହିଥିଲେ ଯେ ବିକାଶ ସହିତ ଦୁର୍ନୀତିମୁକ୍ତ ଶାସନ ଦେବା ଆମର କର୍ତ୍ତବ୍ୟ। ଆମ ସରକାର ଆସିବା ପରେ ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ପ୍ରାଥମିକତା ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବର୍ଷ ବର୍ଷ ଧରି ଖାଲି ପଡିଥିବା ପଦବୀ ଅଗ୍ରାଧିକାର ଭିତ୍ତିରେ ପୂରଣ କରାଯାଉଛି । ରାଜ୍ୟରେ ବର୍ତ୍ତମାନ ୧୨ ଟି ସରକାରୀ ମେଡିକାଲ କଲେଜ ଅଛି। ଖୁବ୍‌ଶୀଘ୍ର ଆଉ ୪ଟି ଜିଲ୍ଲା ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ ଓ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ହେବ ।

ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ବହୁବିଧ ଚିକିତ୍ସା ସୁବିଧା କରାଯାଉଛି । ସି.ଟି ସ୍କାନ୍, ଡାଏଲିସିସ୍, ମନୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଉଛି । ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନର ଅଭାବ ନହେବ ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି । ଏହି ହସ୍ପିକଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍ପିସଟାଲ ମଧ୍ୟ ନିର୍ମାଣ କରାଯାଉଛି । ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ସେ କହିଥିଲେ।

ଆମ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*

# ୨୨,୮୦୦ କୋଟିର ମେଟ୍ରୋ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୮




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର କର୍ଣ୍ଣାଟକର ବେଙ୍ଗାଲୁରୁରେ ପ୍ରାୟ ୭,୧୬୦ କୋଟି ଟଙ୍କା ମୂଲ୍ୟର ବାଙ୍ଗାଲୋର ମେଟ୍ରୋର ୟେଲୋ ଲାଇନର ଉଦଘାଟନ କରିଛନ୍ତି ଏବଂ ୧୫୬୧୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବାଙ୍ଗାଲୋର ମେଟ୍ରୋ ପର୍ଯ୍ୟାୟ - ୩ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ ବେଙ୍ଗାଲୁରୁର କେଏସଆର ରେଳ ଷ୍ଟେସନରେ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ, କର୍ଣ୍ଣାଟକ ଭୂମିରେ ପାଦ ଦେବା ପରେ ଏହି ସ୍ଥାନରେ ସେ ଆପଣାର ଭାବନାକୁ ଅନୁଭବ କରିଥିଲେ। କର୍ଣ୍ଣାଟକ ସଂସ୍କୃତିର ସମୃଦ୍ଧି, ଏହାର ଲୋକଙ୍କ ସ୍ନେହ ଏବଂ କନ୍ନଡ ଭାଷାର ମଧୁରତା, ଯାହା ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରେ ସେସବୁ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ବେଙ୍ଗାଲୁରୁର ଅଧିଷ୍ଠାତ୍ରୀ ଦେବୀ ଆନ୍ନାମ୍ମା ଥାଇଙ୍କ ଚରଣରେ ପୁଷ୍ପ ଅର୍ପଣ କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ଶହ ଶହ ବର୍ଷ ପୂର୍ବେ ନାଦପ୍ରଭୁ କେମ୍ପେଗୌଡ଼ା ବେଙ୍ଗାଲୁରୁ ସହରର ମୂଳଦୁଆ ସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ କେମ୍ପେଗୌଡ଼ା ପରମ୍ପରାକୁ ମୂଳରେ ରଖି ଏକ ସହରର କଳ୍ପନା କରିଥିଲେ ଏବଂ ପ୍ରଗତିର ନୂତନ ଶିଖରରେ ପହଞ୍ଚିଥିଲେ। 'ବେଙ୍ଗାଲୁରୁ ସର୍ବଦା ସେହି ଭାବନାକୁ ବଞ୍ଚାଇ ରଖିଛି ଏବଂ ଏହାକୁ ସଂରକ୍ଷଣ କରିଆସିଛି ଏବଂ ଆଜି, ବେଙ୍ଗାଲୁରୁ ସେହି ସ୍ୱପ୍ନକୁ ସାକାର କରୁଛି' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଆଜି ବେଙ୍ଗାଲୁରୁ ଏକ ନୂତନ ଭାରତ ଉତ୍ଥାନର ପ୍ରତୀକ ପାଲଟିଥିବା ସହର ଭାବରେ ଉଭା ହେଉଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ଏହାକୁ ଏକ ଏପରି ସହର, ଯାହାର ଭାବନା ଦାର୍ଶନିକ ଜ୍ଞାନକୁ ମୂର୍ତ୍ତିମନ୍ତ କରେ ଏବଂ ଯାହାର କାର୍ଯ୍ୟ ପ୍ରଯୁକ୍ତି ବିଶେଷଜ୍ଞତାକୁ ପ୍ରତିଫଳିତ କରେ ବୋଲି ବର୍ଣ୍ଣନା କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ବେଙ୍ଗାଲୁରୁ ହେଉଛି ଏକ ଏପରି ସହର ଯାହା ଭାରତକୁ ବିଶ୍ୱ ସୂଚନା ପ୍ରଯୁକ୍ତିର ମାନଚିତ୍ରରେ ଗର୍ବର ସହିତ ସ୍ଥାନିତ କରିଛି । ବେଙ୍ଗାଲୁରୁର ସଫଳତାର କାହାଣୀ ଏହାର ଲୋକଙ୍କ କଠିନ ପରିଶ୍ରମ ଏବଂ ପ୍ରତିଭାକୁ ଶ୍ରେୟ ଦେଇଥାଏ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ 'ଏକବିଂଶ ଶତାବ୍ଦୀରେ, ସହରାଞ୍ଚଳ ଯୋଜନା ଏବଂ ସହରାଞ୍ଚଳ ଭିତ୍ତିଭୂମି ହେଉଛି ଆମ ସହରଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା' ଏବଂ ବେଙ୍ଗାଲୁରୁ ଭଳି ସହରଗୁଡ଼ିକ ଭବିଷ୍ୟତ *(ପୃଷ୍ଠା ୭ରେ)*

## ବିଦ୍ୟୁତ ଆଘାତରେ ନାବାଳକଙ୍କ ମୃତ୍ୟୁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୮

ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ଯୋଡ଼ାଠାରେ ବିଦ୍ୟୁତ ଆଘାତରେ ନାବାଳକ ଅରୁଣ ବୋବୋଙ୍ଗା (ପିତା-ଗୋବିନ୍ଦ ବୋବୋଙ୍ଗା)ଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ସମୁଦ୍ରରେ ବୁଡି ୩ ମୃତ

ଗୋପ, ୧୦।୮

ନ୍ୟୁଜ୍ ବ୍ୟୁରୋ

ପୁରୀ ଜିଲ୍ଲା ଚନ୍ଦ୍ରଭାଗା ବେଳାଭୂମି ନିକଟରେ ରବିବାର ଅପରାହ୍ଣରେ ଏକ ଅଭାବନୀୟ ଘଟଣା ଘଟିଛି। ଚନ୍ଦ୍ରଭାଗା ଓ ଇକୋରିଟ୍ରିଟ୍ ମଝିରେ ସମୁଦ୍ରରେ ଗାଧୋଉଥିବା ବେଳେ ୩ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଭୁବନେଶ୍ୱର ଉପକଣ୍ଠ ପାହାଳର ପିଣ୍ଟୁ ପଟ୍ଟନାୟକ, ରାହୁଲ କୁମାର ଓ କୋଣାର୍କ ଜମାଦଳାର ଅରୂପାନନ୍ଦ ଜେନା।

ସୂଚନା ଅନୁସାରେ ଚନ୍ଦ୍ରଭାଗାରୁ ରାମଚଣ୍ଡୀ ରାସ୍ତାରେ ସମୁଦ୍ରର ଇକୋରିଟ୍ରିଟ୍ ନିକଟରେ ପିଣ୍ଟୁ ପଟ୍ଟନାୟକ, ରାହୁଲ କୁମାର ଓ ଅରୂପାନନ୍ଦ ଜେନା ଗାଧୋଉଥିଲେ। ଅସାବଧାନତା ଯୋଗୁଁ ସେମାନେ ବୁଡ଼ିଯାଇଥିଲେ। ତଟରକ୍ଷୀ ବାହିନୀଙ୍କ ଦ୍ୱାରା ସେମାନଙ୍କୁ ଗୁରୁତର ଭାବେ ଉଦ୍ଧାର *(ପୃଷ୍ଠା ୭ରେ)*

# ଆତଙ୍କବାଦୀଙ୍କୁ ଧର୍ମ ନୁହେଁ, କର୍ମ ଦେଖି ମାରିବୁ: ରାଜନାଥ

ନୂଆଦିଲ୍ଲୀ, ୧୦।୮



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ମଧ୍ୟପ୍ରଦେଶର ରାୟସେନରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସମୟରେ ଆତଙ୍କବାଦ ଭାରତର ଦ୍ରୁତ ବିକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବିଷୟରେ କହିଥିଲେ। ସେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଭାରତର ଦୃଢ଼ କାର୍ଯ୍ୟାନୁଷ୍ଠାନର ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ଆମେ ଏହା ମଧ୍ୟ ନିଷ୍ପତ୍ତି ନେଇଛୁ ଯେ ଆମେ କାହାକୁ ତାଙ୍କ ଧର୍ମ ପଚାରି ହତ୍ୟା କରିବୁ ନାହିଁ।

ରାଜନାଥ ସିଂହ କହିଥିଲେ, 'ଆତଙ୍କବାଦୀମାନେ ଏଠାକୁ ଆସି ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ। ଆମେ ଏହା ମଧ୍ୟ ନିଷ୍ପତ୍ତି ନେଇଛୁ ଯେ ଆମେ କାହାକୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିବୁ ନାହିଁ, ଆମେ *(ପୃଷ୍ଠା ୭ରେ)*

# ମାନୁନାହାନ୍ତି କଟକଣା, ପୁଣି ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି ଅଭିଯୋଗ

ପୁରୀ, ୧୦।୮

ନ୍ୟୁଜ୍ ବ୍ୟୁରୋ



ଅନ୍‌ଲାଇନରେ ଶ୍ରୀମନ୍ଦିରର ମହାପ୍ରସାଦ ବିକ୍ରି ନେଇ କଟକଣା ଥିବାବେଳେ ଏହାକୁ କିଛି ବ୍ୟକ୍ତି ମାନୁନାହାନ୍ତି । ବିଭିନ୍ନ ଫୁଡ୍ ଆପ୍ ଡେଲିଭରି ସର୍ଭିସ୍ ଭଳି ଶ୍ରୀମନ୍ଦିରର ମହାପ୍ରସାଦକୁ ମଧ୍ୟ ଅନଲାଇନରେ ଭକ୍ତଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି । ଏକ ଫୁଡ୍ ଆପ୍ ସର୍ଭିସ୍ ପକ୍ଷରୁ ବ୍ରହ୍ମପୁର ସହରରେ ଏଭଳି ଅନଲାଇନରେ ମହାପ୍ରସାଦ ବୁକିଂ କରାଯାଇ ଲୋକଙ୍କୁ ଯୋଗାଇ ଦିଆଯାଉଛି । ଏହି ଘଟଣା ଜଣାପଡ଼ିବା ପରେ ଶ୍ରୀମନ୍ଦିର ସେବାୟତ ଓ ଜଗନ୍ନାଥ ପ୍ରେମୀ ଏହାକୁ ଦୃଢ଼ ବିରୋଧ କରିଛନ୍ତି । ଶ୍ରୀମନ୍ଦିର ମହାପ୍ରସାଦ ଏକ ସାଧାରଣ ଖାଦ୍ୟ ପଦାର୍ଥ ନୁହେଁ । ମହାପ୍ରସାଦର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏହାକୁ ଅନଲାଇନ ମାଧ୍ୟମରେ ବିକ୍ରି ହେଲେ ମହାପ୍ରସାଦର ଘୋର ଅବମାନନା ହେବ । ବିଶେଷ କରି ଫୁଡ୍ ଆପ୍ ର ଡେଲିଭରି କରୁଥିବା କର୍ମଚାରୀମାନେ ପବିତ୍ରତା ରକ୍ଷା କରି *(ପୃଷ୍ଠା ୭ରେ)*

## ଶ୍ରୀମନ୍ଦିରରୁ ୧୨ ନକଲି ଗୁମାସ୍ତା ଗିରଫ

ପୁରୀ, ୧୦।୮ : ନ୍ୟୁଜ୍ ବ୍ୟୁରୋ

ପୋଲିସ ହାତରେ ଧରାପଡିଲେ ନକଲି ଗୁମାସ୍ତା । ପୁରୀ ସିଂହଦ୍ୱାର ଓ ଟାଉନ ଥାନା ପୋଲିସ ୧୨ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବିଏନ୍‌ଏସ୍ ଧାରା ୧୧୧ ଅନୁଯାୟୀ ଏହି ନକଲି ଗୁମାସ୍ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ *(ପୃଷ୍ଠା ୭ରେ)*

# ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଗରେ ଅଭିଯୁକ୍ତଙ୍କ ବାପା-ମା'ଙ୍କ ସହିତ ଶତାଧିକ ଲୋକଙ୍କ ଧାରଣା

କେନ୍ଦ୍ରାପଡା, ୧୦।୮

ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗାଁରେ ଜଣେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ନିଆଁରେ ଜଳିଯିବା ଘଟଣାରେ ତାଙ୍କ ପୁରୁଷ ବନ୍ଧୁ ପ୍ରମୋଦ ବେହେରାଙ୍କୁ ରବିବାର ଗିରଫ କରାଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ଏହି ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ପ୍ରାଥମିକ ପ୍ରମାଣ ଆଧାରରେ ପ୍ରମୋଦ ବେହେରାଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ପ୍ରମୋଦ ମୋବାଇଲ୍‌ରେ ୬୦ଟି ଅଶ୍ଳୀଳ ଭିଡିଓ ଥିବାର ପ୍ରମାଣ ମିଳିଛି। ଜୁଲାଇ ୧୭ରେ ପୀଡ଼ିତାର ବାପାଙ୍କ ପାଖକୁ ଗୋଟିଏ ଅଶ୍ଳୀଳ ଭିଡିଓ ସେ ପଠାଇଥିଲେ। ସେହି ସମାନ ଦିନ ଆଉ ୪ରୁ ୫ ଜଣଙ୍କ ପାଖକୁ ମଧ୍ୟ ତାହା ପଠାଇଥିଲେ। ଅଗଷ୍ଟ ୫ରେ ଅଭିଯୁକ୍ତ ୫ରୁ ୬ ଥର ପୀଡ଼ିତାକୁ ମେସେଜ୍ କରିଥିଲେ। ଘଟଣା ଦିନ ସକାଳ ୭ଟା ୩୪ରେ କଲ୍ କରିଥିଲେ। ଆମେ ଅଭିଯୁକ୍ତ ଓ ପୀଡ଼ିତା ବାପାଙ୍କ ମୋବାଇଲ୍ ସିଜ୍ କରି ସାରିଛୁ।ବର୍ତ୍ତମାନ ସୁଦ୍ଧା କେବଳ ଅଭିଯୁକ୍ତ ପ୍ରମୋଦ ତଦନ୍ତ ପରିସରଭୁକ୍ତ ଅଛନ୍ତି। *(ପୃଷ୍ଠା ୭ରେ)*

# ଖୁବଶୀଘ୍ର ହୋଇପାରେ ପରବର୍ତ୍ତୀ ଯୁଦ୍ଧ : ସେନାଧ୍ୟକ୍ଷ

ନୂଆଦିଲ୍ଲୀ, ୧୦।୮



'ଆମେ ଆଶଙ୍କା କରୁଥିବା ପରବର୍ତ୍ତୀ ଯୁଦ୍ଧ ଖୁବ୍ ଶୀଘ୍ର ହୋଇପାରେ...' ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏକ ଚାଞ୍ଚଲ୍ୟକର ଚେତାବନୀ ଦେଇଛନ୍ତି। ଏହା ସହିତ, ସେ କହିଛନ୍ତି ଯେ 'ଆମକୁ ସେହି ଅନୁସାରେ ପ୍ରସ୍ତୁତ ହେବାକୁ ପଡିବ ଏବଂ ଏଥର ଆମକୁ ଏହି ଯୁଦ୍ଧ ଏକାଠି ଲଢ଼ିବାକୁ ପଡିବ।'

ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଇଆଇଟି ମାଡ୍ରାସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ଏଠାରେ, ଅପରେସନ ସିନ୍ଦୁର ଉପରେ ଭାଷଣ ଦେଇ ସେ କହିଥିଲେ ଯେ ଏପ୍ରିଲ ୨୨ ତାରିଖରେ ପହଲଗାମରେ ଯାହା ଘଟିଥିଲା ତାହା ସମଗ୍ର ଦେଶକୁ ଥରାଇ ଦେଇଥିଲା। ଏପ୍ରିଲ ୨୨ ତାରିଖରେ ଆତଙ୍କବାଦୀମାନେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ୨୬ ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲେ। ସେ କହିଛନ୍ତି ଯେ ପହଲଗାମ ଆକ୍ରମଣ ପରେ ସରକାରଙ୍କ ପକ୍ଷରୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ତିନିସେନାକୁ ସ୍ୱାଧୀନତା ଦିଆଯାଇଥିଲା । ୨୩ ଏପ୍ରିଲରେ ହିଁ ତିନି ସେନାର ବୈଠକ ହୋଇଥିଲା । ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଥିଲେ ଯେ ବହୁତ ହୋଇଗଲା, ଏଥର କିଛି କରିବାକୁ ହେବ । ତିନିସେନା ବି ଏଥିରେ ଏକମତ ଥିଲେ ଓ ସରକାରଙ୍କ ପକ୍ଷରୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା । ଏହା ରାଜନୈତିକ ନେତୃତ୍ୱଙ୍କ ସ୍ପଷ୍ଟତାର ଏକ ଉଦାହରଣ ଥିଲା ।

## ସିବିଏସଇର ବଡ଼ ନିଷ୍ପତ୍ତି: ଡିଜିଟାଲରେ ହେବ ଉତ୍ତର ଖାତା ମୂଲ୍ୟାଙ୍କନ

ନୂଆଦିଲ୍ଲୀ, ୧୦।୮

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ପରୀକ୍ଷା ସମ୍ପର୍କରେ ଏକ ବଡ଼ ନିଷ୍ପତ୍ତି ନେଇଛି। ସିବିଏସଇ ଏବେ ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷାର ଉତ୍ତର ଖାତା ଡିଜିଟାଲ ଭାବରେ ମୂଲ୍ୟାଙ୍କନ କରିବ। ଏଥିପାଇଁ ଗୋଟିଏ କିମ୍ବା ଅଧିକ ଏଜେନ୍ସି ଚୟନ କରାଯିବ।


ସିବିଏସଇର ପରିଚାଳନା ପରିଷଦ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତିରେ, ସଦସ୍ୟମାନେ ପରାମର୍ଶ ଦେଇଛନ୍ତି ଯେ, ବୋର୍ଡର ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟରେ କିଛି ବିଷୟରେ ପାଇଲଟ୍ ପ୍ରୋଜେକ୍ଟ ସମାପ୍ତ ହେବା ପରେ ହିଁ ଦଶମ-ଦ୍ୱାଦଶର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଏମିତି ଜୋର ଆଉ ଦରକାର
ଦରକାର ଆଉ ବଳ
କୋଟିଆ ଉଦ୍ଧାର ପାଇଁ ଲାଗିଛନ୍ତି
ସମ୍ପୂର୍ଣ୍ଣ ଶାସନ କଳ
ଆନ୍ଧ୍ର କରୁଥିଲା ଯେତେ ଛଳ
ଲାଗେ ଆଉ ତାର ବଳ ପାଇବନି
ଉପୁଡିବ ପୁରା ମୂଳ ।

# ଧିମେଇଲା ପୃଥିବୀର ଘୂର୍ଣ୍ଣନ ବେଗ !



ନୂଆଦିଲ୍ଲୀ, ୧୦।୮

ଗତ ଅଗଷ୍ଟ ୫ ତାରିଖ ଦିନ ବୈଜ୍ଞାନିକମାନେ ଏକ ଖାସ ଘଟଣା ଅନୁମାନ କରିଛନ୍ତି। ଏଥିରେ ପୃଥିବୀର ଘୂର୍ଣ୍ଣନ ଗତି ସ୍ୱାଭାବିକରୁ ଧିମେଇ ଯାଇଥିବା ଜାଣିବାକୁ ପାଇଛନ୍ତି। ଏହି ଦିନ ପୃଥିବୀକୁ ନିଜ ଅକ୍ଷରେ ଘୂରିବା ଲାଗି ଅଧିକ ୧.୪୫ ମିଲିସେକେଣ୍ଡ ଲାଗିଛି। ହୁଏତ ଏହା ଖୁବ୍ କମ ସମୟ ହୋଇପାରେ, ହେଲେ ବୈଜ୍ଞାନିକଙ୍କ ନିମନ୍ତେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ପୃଥିବୀର ଘୂର୍ଣ୍ଣନ ଲଗାତାର ସଠିକ ରହିଥାଏ ଓ ଏହାର ଗତିରେ ସାମାନ୍ୟ ପରିବର୍ତ୍ତନ ପୃଥିବୀ ଭିତରେ ଓ ବାହାରେ ହେଉଥିବା ବିଭିନ୍ନ ଗତିବିଦ୍ଧିକୁ ଦର୍ଶାଇଥାଏ।

ଆମର ଗୋଟିଏ ଦିନ ଯାହାକୁ 'ସୌର ଦିବସ' କୁହାଯାଏ ଏହା ୨୪ ଘଣ୍ଟା ଅର୍ଥାତ ୮୬,୪୦୦ ସେକେଣ୍ଡରେ ହୋଇଥାଏ। ତେବେ ଅଗଷ୍ଟ ୫ ତାରିଖ ଦିନ ପୃଥିବୀ ଅକ୍ଷ ଚାରିପଟେ ଘୂରିବାକୁ ୮୬,୪୦୦.୦୦୧୪୫ ସେକେଣ୍ଡ ଲାଗିଥିଲା। ଫଳରେ ଦିନଟି ସାମାନ୍ୟ ଦୀର୍ଘ ହୋଇଥିଲା। ଏହି ଅନ୍ତର ସାଧାରଣ ଲୋକଙ୍କୁ ଜଣାପଡିନଥିଲା। ହେଲେ ବୈଜ୍ଞାନିକ ଉପକରଣ ଯୋଗୁ ଏହି ଅନ୍ତର ଜଣାପଡିଛି।

ପୃଥିବୀର ଘୂର୍ଣ୍ଣ ବେଗ କମିବାର ଅନେକ କାରଣ ରହିଛି। ବାୟୁ ପ୍ରବାହରେ ପରିବର୍ତ୍ତନ, ସମୁଦ୍ର *(ପୃଷ୍ଠା ୭ରେ)*

# ୧୨ ରୁ ୧୪ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୦।୮

ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାରେ ଆସନ୍ତା ୧୨ ତାରିଖରୁ ବର୍ଷାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ୧୩ ତାରିଖରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ରାଜ୍ୟରେ ବର୍ଷାକୁ ଆହୁରି ତୀବ୍ର କରିପାରେ। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିବ।

ପାଣିପାଗ ବିଭାଗ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି। ବିଶେଷ କରି ୧୨ ତାରିଖ ପାଇଁ ରାଜ୍ୟର ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ପୁରୀ, ଖୋର୍ଦ୍ଧା, ଗଞ୍ଜାମ ଏବଂ ଜଗତସିଂହପୁର ରହିଛି, ଯେଉଁଠାରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଲଘୁଚାପ କ୍ଷେତ୍ର ଉତ୍ତର ଓଡ଼ିଶା ଏବଂ ନିକଟବର୍ତ୍ତୀ ଅଞ୍ଚଳରେ *(ପୃଷ୍ଠା ୭ରେ)*





# ଏମ୍ସରୁ ପୁଣି ଟିକେଟ୍ ଦଲାଲ୍ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱରରୁ ଓପିଡି ଟିକେଟ୍ ଦଲାଲି କରୁଥିବା ଖୋର୍ଦ୍ଧା ବାଣପୁର ଅଞ୍ଚଳର ସୁରେଶ ପ୍ରଧାନକୁ ଖଣ୍ଡଗିରି ଥାନା ପୁଲିସ ଗିରଫ କରିଛି । ସେ ପାତ୍ରପଡ଼ା ଏମ୍ସ ନଗରରେ ରହିବା ସହ ଏମ୍ସରେ ଓପିଡି ଟିକେଟ୍ ଦଲାଲି କରୁଥିଲା । ବିଶେଷ କରି ଅଣଓଡ଼ିଆ ଓ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଭଲ ସେବା ଯୋଗାଇ ଦେବା ଆଳରେ ଟଙ୍କା ଲୁଟି ନେଉଥିଲା । ଏମ୍ସର ସିକ୍ୟୁରିଟି ଅଫିସର ପିକେ ଲେଙ୍କାଙ୍କ ଅଭିଯୋଗ ମୁତାବକ, ଓପିଡି ଟିକେଟ୍ ପାଇଁ ଲୋକଙ୍କର ଲମ୍ବା ଲାଇନ୍ ଲାଗିଥିଲା । ଏହି ସମୟରେ ସୁରେଶ ଲୋକଙ୍କୁ ଠେଲାପେଲା କରି ଲାଇନ୍‌ର ଆଗକୁ ଯିବାକୁ ଚେଷ୍ଟା କରୁଥିଲା । ଲାଇନ୍‌ରେ ଠିଆ ହୋଇଥିବା ରୋଗୀଙ୍କ ସମ୍ପର୍କୀୟଙ୍କ ସହିତ କଥାବାର୍ତ୍ତା କରି ଯେଉଁ ଡାକ୍ତରଙ୍କ ପାଖରେ ଦେହ ଦେଖାଇବ ସେଠାକୁ ନେଇଯିବି ବୋଲି କହିଥିଲା। ୨ହଜାର ଦିଅ, ସବୁ ସୁବିଧା କରିଦେବି' ବୋଲି ଲୋଭ ଦେଖାଉଥିଲା । ଏହା ଦେଖି ପିକେ ଲେଙ୍କା ସୁରେଶକୁ ପାଟି କରିବା ସହିତ ସେଠାରୁ ଚାଲିଯିବାକୁ କହିଥିଲେ । ମାତ୍ର ସୁରେଶ ତାଙ୍କୁ ନାଲିଆଖି ଦେଖାଇଥିଲା । ସିକ୍ୟୁରିଟି କର୍ମଚାରୀମାନେ ତା'କୁ ଘେରିଯାଇଥିଲେ। ଏମ୍ସ ଫାଣ୍ଡି ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ବାଦଲ ବରାଳ ସୁରେଶକୁ ଗିରଫ କରିଥିଲେ । ସୂଚନାଯୋଗ୍ୟ ଗତ ଜାନୁଆରିରେ ସୁରେଶ ଦଲାଲି କରି ଗିରଫ ହୋଇ ଜେଲ୍ ଯାଇଥିଲା । ମୁକୁଳିବା ପରେ ପୁଣି ଥରେ ଦଲାଲି ଆରମ୍ଭ କରିଦେଇଛି । ପୂର୍ବରୁ ତା' ନାଁରେ ଖଣ୍ଡଗିରି ଓ ଭରତପୁର ଥାନାରେ ୩ଟି ମାମଲା ରହିଛି ।




## ୟୁନିଟ-୧ ହୋଲ୍‌ସେଲ୍ ପରିବା ମାର୍କେଟ୍: ଭଗବାନପୁରକୁ ସ୍ଥାନାନ୍ତର ନେଇ ଅନିଶ୍ଚିତତା

# ବିଏମ୍‌ସି, ବିଡିଏ, ବ୍ୟବସାୟୀଙ୍କ ମଧ୍ୟରେ ସମନ୍ୱୟ ଅଭାବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁନିଟ-୧ ହାଟରେ ଥିବା ହୋଲ୍‌ସେଲ୍ ପରିବା ମାର୍କେଟ୍ ସମସ୍ୟା ଦୂର ହୋଇପାରୁ ନାହିଁ। ବାହାର ରାଜ୍ୟରୁ ଆସୁଥିବା ପରିବା ଟ୍ରକ୍‌ଗୁଡ଼ିକ ସହର ଭିତରକୁ ପ୍ରବେଶ ନେଇ କଟକଣା ଯୋଗୁ ବ୍ୟବସାୟୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ ଉଦ୍ଦେଶ୍ୟରେ ପରିବା ହୋଲସେଲ୍ ମାର୍କେଟ୍‌କୁ ରାଜଧାନୀ ଉପକଣ୍ଠ ଭଗବାନପୁରକୁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଥିଲା। ମାତ୍ର ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। କେବେ ଜମି ଅଡୁଆ ତ ଆଉ କେବେ ଜବରଦଖଲ ସମସ୍ୟା ବାଟ ଓଗାଳିଛି। ମାର୍କେଟ ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସାଢ଼େ ୯ ଏକର ଜମି ଅବଣ୍ଟନ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଏକର ଜମିରେ ବିଏମ୍‌ସି ପକ୍ଷରୁ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମ୍‌ସିସି) ନିର୍ମାଣ ହୋଇଛି। ବାକି ଯେତିକି ଜମି ରହିଛି ତାହାର ସଦ୍‌ବିନିଯୋଗ କରିବା ଦିଗରେ କେହି ଆନ୍ତରିକତା ଦେଖାଉ ନାହାନ୍ତି। ବିଏମ୍‌ସି, ବିଡିଏ ଓ ବ୍ୟବସାୟୀମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରସ୍ତାବିତ ପରିବା ବଜାର ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଉଛି। ୟୁନିଟ-୧ ହାଟରେ ଖୁଚୁରା ସହ ହୋଲସେଲ୍ ପରିବା ବ୍ୟବସାୟ ଚାଲୁଥିବାରୁ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ହୋଲ୍‌ସେଲ୍ ପରିବା



ମାର୍କେଟ୍ ସ୍ଥାନାନ୍ତର କରିବାକୁ ୨୦୧୦ରୁ ଦାବି ହେଉଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ନ ଥିଲା। ସ୍ଥିତି ଅଣାୟତ୍ତ ହେବାରୁ ୨୦୧୯ରେ ୟୁନିଟ-୧ ହାଟରେ ଥିବା ହୋଲ୍‌ସେଲ୍ ପରିବା ମାର୍କେଟ୍ ଭଗବାନପୁରକୁ ଉଠାଇ ନେବାକୁ ବିଏମ୍‌ସି କସରତ ଆରମ୍ଭ କରିଥିଲା। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏଥିପାଇଁ ବିଏମ୍‌ସିକୁ ଭଗବାନପୁରରେ ଦୁଇଟି ପର୍ଯ୍ୟାୟରେ ସାଢ଼େ ୯ ଏକର ଜାଗା ଯୋଗାଇ ଦେଇଥିଲା। ୨୦୨୨ରେ ୭.୨୧ ଏକର ଜମିରେ ଶତାଧିକ ଗଛ କଟି ବିଏମ୍‌ସି ପାଚେରି ନିର୍ମାଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି ସ୍ଥାନ କାମରେ ଲାଗିପାରି ନାହିଁ।

ୟୁନିଟ୍-୧ ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ହୋଲ୍‌ସେଲ ହାଟ ପାଇଁ ସାଧାରଣ ପ୍ରଶାସନ ବିଭାଗ ଦେଇଥିବା ୯ ଏକର ଜାଗାରୁ ଗୋଟିଏ ଏକର ଜମିରେ ଏବେ ଅଳିଆ ପ୍ଲାଣ୍ଟ ହୋଇଛି । ବାକି ଜମିରେ ବ୍ୟବସାୟ କରିବାକୁ ଯଦି ଆମକୁ କେବଳ ଲିଖିତ ଅନୁମତି ଦିଆଯିବ, ତାହେଲେ ଆମେ ସେଠାରେ ଘର କରି ବେପାର କରିବୁ। ବିଏମସି ଏଠାରେ ମାର୍କେଟ କମ୍ପ୍ଲେକ୍ସ କରିବାକୁ ଯେଉଁ ଯୋଜନା କରିଥିଲା ସେଥିରେ ତଳ ମହଲା ପରିବା ଗୋଦାମ ଓ ଉପରେ ମାର୍କେଟ କମ୍ପ୍ଲେକ୍ସ ରହିଥାନ୍ତା। କିନ୍ତୁ ଏମିତି କଲେ ପରିବା ଗୋଦାମ ସମ୍ଭବପର ହେବ ନାହିଁ ବୋଲି ଆମେ କହିଥିଲୁ। ସେମାନେ ଆଇଗିଣିଆଠାରେ ଅନୁଧ୍ୟାନ କରିବା ପରେ ଜାଣିପାରିଲେ ଯେ ପରିବା ଗୋଦାମ ବ୍ୟତୀତ ସେଠାରେ ଆଉ କିଛି ହୋଇପାରିବ ନାହିଁ। ତେଣୁ ଏବେ ସମ୍ପୂର୍ଣ୍ଣ ଜମିରେ କେବଳ ପରିବା ହୋଲ୍‌ସେଲ୍ ମାର୍କେଟ୍ ହିଁ ହୋଇପାରିବ। ଏବେ ସହର ମଧ୍ୟକୁ ବଡ଼ ଗାଡ଼ି ପ୍ରବେଶ ଉପରେ ବିଭିନ୍ନ ସମୟରେ ପୁଲିସ କଟକଣା ଲଗାଉଥିବାରୁ ବ୍ୟବସାୟୀମାନେ ହଇରାଣ ହେଉଛନ୍ତି। ଦୈନିକ ଶହେରୁ ଅଧିକ ଗାଡ଼ି ଭୁବନେଶ୍ୱର ଆସୁଛି। ସେଥିରୁ ପ୍ରାୟ ୫୦ ଗାଡ଼ି ସହର ଭିତରକୁ ପ୍ରବେଶ କରୁଛି ଏବଂ ଅନ୍ୟଗୁଡ଼ିକ ଆଇଗିଣିଆଠାରେ ଜାତୀୟ ରାଜପଥରେ ଅଟକି ରହୁଛି। ଏହାଦ୍ୱାରା ଆମେ ବାରମ୍ବାର ଅସୁବିଧାରେ ପଡୁଛୁ ବୋଲି ସେ ଅଭିଯୋଗ କରିଛନ୍ତି।

ଏସମ୍ପର୍କରେ ବିଏମ୍‌ସି ଡେପୁଟି କମିସନର ରୁବି ବେହେରା କହିଛନ୍ତି ଯେ ହାଟ ସ୍ଥାନାନ୍ତର ନେଇ ସମସ୍ତ ଅଧିକାରୀଙ୍କ ସହିତ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୧ ନମ୍ବର ହାଟରୁ ବ୍ୟବସାୟୀଙ୍କୁ ଭଗବାନପୁର ସ୍ଥାନାନ୍ତର ପରେ ହିଁ ହାଟର ଉନ୍ନତି ମୂଳକ କାମ କରାଯିବ। ତେଣୁ ଏଥିପାଇଁ ସମସ୍ତ ରୂପରେଖ ପ୍ରସ୍ତୁତ ହେଉଛି । ପୂର୍ବରୁ ହୋଇଥିବା ଯୋଜନାରେ ବ୍ୟବସାୟୀମାନେ ଅରାଜି ହୋଇଥିବାରୁ ଏନେଇ ନୂତନ କମିସନରଙ୍କ ସହିତ ଆଉଥରେ ଆଲୋଚନା କରାଯିବ। ଏହାପରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଆଇଭିଏଫ୍ ସେଣ୍ଟରରେ ଚାଲିଥିଲା ସରୋଗେସୀ ଘୋଟାଲା ଓ ସ୍ୱର୍ମ ତସ୍କରୀ : ଡାକ୍ତରାଣୀଙ୍କ ସମେତ ୧୦ ଗିରଫ

**ହାଇଦ୍ରାବାଦ:**

ହସ୍ପିଟାଲରେ ଛୁଆ ଅଦଳବଦଳ ଏବଂ ଶିଶୁ ବିକ୍ରି ପରେ ଏବେ ସାମ୍ନାକୁ ଆସିଛି ଆଉ ଏକ ଚାଞ୍ଚଲ୍ୟକର ଖବର। ଆଇଭିଏଫ୍ ସେଣ୍ଟରରେ ଚାଲିଥିଲା ସରୋଗେସୀ ଘୋଟାଲା ଓ ସ୍ୱର୍ମ ତସ୍କରୀ। ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ବାନ୍ଧିଲା ପୁଲିସ। ସିକନ୍ଦରାବାଦରୁ ଏଭଳି ରାକେଟ୍‌ରେ ପର୍ଦ୍ଦାଫାସ୍ କରିଛି ହାଇଦ୍ରାବାଦ ପୁଲିସ। ସୂଚନାନୁଯାୟୀ, ସିକନ୍ଦରାବାଦ ରେଜିମେଣ୍ଟାଲ ବଜାର ସ୍ଥିତ ଏକ ଆଇଭିଏଫ୍ ସେଣ୍ଟରରେ ସରୋଗେସୀ ଘୋଟାଲା ଏବଂ ସ୍ୱର୍ମ ତସ୍କରୀ ଚାଲିଥିବା ନେଇ ଏକ ରାଜସ୍ଥାନୀ ଦମ୍ପତି ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ହାଇଦ୍ରାବାଦ ପୁଲିସ ଆଇଭିଏଫ୍ ସେଣ୍ଟରରେ ଚଢାଉ କରିଥିଲା। ଚଢାଉ ବେଳେ ସରୋଗେସୀ ଘୋଟାଲାର ପର୍ଦ୍ଦାଫାସ୍ ହୋଇଥିଲା। ପୁଲିସ ଏହି



ମାମଲାରେ ଆଇଭିଏଫ୍ ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ଗିରଫ କରିଛି। ଦମ୍ପତିଙ୍କ ଅଭିଯୋଗ ଅନୁଯାୟୀ, ସେମାନେ ଗତବର୍ଷ ସରୋଗେସୀ ପ୍ରକ୍ରିୟା ପାଇଁ ଉକ୍ତ କ୍ଲିନିକ୍‌କୁ ୩୫ ଲକ୍ଷ ଟଙ୍କା ଦେଇଥିଲେ। ଏଥିପାଇଁ ଜଣେ ମହିଳାଙ୍କୁ ବିଶାଖାପାଟଣାରୁ ପ୍ଲେନ୍ ଯୋଗେ ହାଇଦ୍ରାବାଦ ଅଣାଯାଇଥିଲା। ଛୁଆ ଜନ୍ମ ହେବା ପରେ ଉକ୍ତ ଦମ୍ପତି ଛୁଆର ଡିଏନଏ ଟେଷ୍ଟ କରିଥିଲେ। ରିପୋର୍ଟରେ ଭୟଙ୍କର ଖୁଲାସା ହୋଇଥିଲା। ଶିଶୁ ସହ ସେମାନଙ୍କର କୌଣସି ବାୟୋଲୋଜିକାଲ୍ ଲିଙ୍କ୍ ନଥିବା ଜଣାପଡ଼ିଥିଲା। ଡିଏନଏ ରିପୋର୍ଟ ଧରି ପତି-ପତ୍ନୀ ଦୁହେଁ ଆଇଭିଏଫ୍ ଡାକ୍ତରାଣୀଙ୍କ ନିକଟରେ ପହଞ୍ଚିଥିଲେ। ଏଥିରେ ଗଡ଼ବଡ଼ ହୋଇଥିବା ହୋଇଥିବା ଖୋଦ୍ ଡାକ୍ତରାଣୀ ମାନିଥିଲେ ଏବଂ ଏହାକୁ ସୁଧାରିବାକୁ ଆଶ୍ୱସନା ଦେଇଥିଲେ। ହେଲେ ପରେ ଡାକ୍ତରାଣୀ ଧରାଛୁଆଁ ଦେଇନଥିଲେ। ଯାହାଫଳରେ ଦମ୍ପତି ଥାନାର ଦ୍ୱାରସ୍ଥ ହୋଇଥିଲେ। ହାଇଦ୍ରାବାଦର ନର୍ଥ ଜୋନ୍ ଡେପୁଟି କମିଶନର ରଶ୍ମୀ ପେରୁମଲଙ୍କ କହିବା ଅନୁଯାୟୀ, ଗରିବ ମହିଳାଙ୍କୁ ଟଙ୍କା ଲୋଭ ଦେଖାଇ ସେମାନଙ୍କୁ ସରୋଗେଟ୍ ମଦର ହେବା ପାଇଁ ରାଜି କରାଯାଉଥିଲା। ଅନ୍ୟ ରାଜ୍ୟରୁ ଏହି ମହିଳାମାନଙ୍କୁ ଅଣାଯାଉଥିଲା। ଏପରିକି ଗୁଜରାଟ ଏବଂ ମଧ୍ୟପ୍ରଦେଶରୁ ସ୍ୱର୍ମ ଯୋଗାଡ଼ କରି ଏହି କ୍ଲିନିକ୍‌କୁ ପଠାଯାଉଥିଲା। ଏହି ରାକେଟ୍‌ର ଏବେ ପର୍ଦ୍ଦାଫାସ୍ ହୋଇଛି। ପୁଲିସ ଡାକ୍ତରାଣୀଙ୍କ ସମେତ ୧୦ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ବିକଶିତ ଓଡ଼ିଶା ପାଇଁ ସମସ୍ତେ ବିକଶିତ ହେବା ଆବଶ୍ୟକ : ଉପ ମୁଖ୍ୟମନ୍ତ୍ରୀ



**କୋରାପୁଟ, ନ୍ୟୁଜ**

ସେମିଳିଗୁଡା କଲେଜର ୪୦ ତମ ପ୍ରତିଷ୍ଠା ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିକଶିତ ଓଡ଼ିଶା ପାଇଁ ଯିଏ ଯେଉଁ କ୍ଷେତ୍ରରେ ଥିଲେ ମଧ୍ୟ ସମସ୍ତେ ଟିକିଏ ଟିକିଏ ବିକଶିତ ତଥା ଉନ୍ନତି ହେବା ଦିଗରେ ଚେଷ୍ଟିତ ହେବା ଆବଶ୍ୟକ ବୋଲି ଉପ ମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେମିଳିଗୁଡା କଲେଜ ରେ ଆବଶ୍ୟକ ଥିବା ଏକ ମଲ୍ଟି ଫଂକ୍ସନାରି ହଲର ଆବଶ୍ୟକତା ପୂରଣ କରାଯିବ। ଏପରିକି ଆସନ୍ତା ବର୍ଷ ଠାରୁ ଏହି କଲେଜ୍‌ରେ ଏନ୍‌ସିସି ଆରମ୍ଭ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅପର ପକ୍ଷରେ ଗଣ ଶିକ୍ଷା ମନ୍ତ୍ରୀ ସେମିଳିଗୁଡାର ଏହି ପୁରାତନ ଅନୁଷ୍ଠାନ ର ଆହୁରି ଉନ୍ନତି କିପରି ହେବ ଏବଂ ଶିକ୍ଷାର ଉନ୍ନତି ପାଇଁ ଯାହା ସବୁ ଆବଶ୍ୟକ ତାହା ଓଡ଼ିଶାର ମୁଖ୍ୟମନ୍ତ୍ରୀ ପୂରଣ କରୁଛନ୍ତି । ତେଣୁ ଏଠାରେ ଶିକ୍ଷାର ଉନ୍ନତି ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଉତ୍ସବ ରେ କୋରାପୁଟ ଜିଲ୍ଲାପାଳ ଯୋଗ ଦେଇ କଲେଜ ର ଯାହା ସବୁ ସମସ୍ୟା ଅଛି ତାହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସେମିଳିଗୁଡା କଲେଜ ର ପ୍ରତିଷ୍ଠା ଉତ୍ସବ ରେ ଯୋଗ ଦେବା ପରେ ଉପ ମୁଖ୍ୟ ମନ୍ତ୍ରୀ କୋଟିଆ ଅଭିମୁଖେ ଗସ୍ତ କରିଥିଲେ।

## ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ଘଟଣାର ନ୍ୟାୟିକ ତଦନ୍ତ ଦାବି

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ କାଠିଆପଡ଼ା ଗ୍ରାମ ବାସିନ୍ଦା ବଡ଼ପଡ଼ା କଲେଜରେ ପଢୁଥିବା +୩ ଶେଷ ବର୍ଷର ଛାତ୍ରୀ ପି.ଡ଼ି. ସଙ୍ଗୀତାଙ୍କର ଅପମୃତ୍ୟୁ ପାଇଁ ପୋଲିସ ପ୍ରଶାସନ ଓ ରାଜ୍ୟ ସରକାର ସଂପୂର୍ଣ୍ଣ ଦାୟୀ । ଓଡ଼ିଶାର ଅସ୍ମିତା, ନାରୀ ସୁରକ୍ଷା ପାଇଁ ଦିନରାତି ପ୍ରଚାର କରୁଥିବା ରାଜ୍ୟ ବିଜେପି ସରକାରଙ୍କ କାର୍ଯ୍ୟର ଏହାହିଁ ବାସ୍ତବ ଚିତ୍ର । ଏହି ଅପମୃତ୍ୟୁ ଘଟଣାକୁ ଜଣେ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରି ଦୋଷୀମାନଙ୍କୁ ଏବଂ ଏଥିସହ ସଂପୃକ୍ତ ଅଧିକାରୀ ମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ ସହ ପୀଡ଼ିତା ପରିବାରକୁ କ୍ଷତିପୂରଣ ଦେବା ପାଇଁ ସି.ପି.ଆଇ.(ଏମ୍) କେନ୍ଦ୍ରାପଡା ଜିଲ୍ଲା କମିଟି ଦୃଢ ଦାବି କରିଛି।

# ୨୦ ହଜାର ମହିଳା ଘେରିବେ ବିଧାନସଭା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରତିଦିନ ନାରୀ ନିର୍ଯାତନା ବୃଦ୍ଧି ପାଉଛି। ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆଗାମୀ ମୌସୁମୀ ଅଧିବେଶନରେ ୨୦ ହଜାର ମହିଳା ବିଧାନସଭା ଘେରିବେ ବୋଲି ପିସିସି ସଭାପତି ଭକ୍ତ ଦାସ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି । ଶ୍ରୀ ଦାସ ନାରୀ ନିର୍ଯାତନା ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ନାରୀ ନିର୍ଯାତନା କିମ୍ବା କୌଣସି ବିପର୍ଯ୍ୟୟ ପ୍ରତି ସରକାର ଗମ୍ଭୀର ଥିଲା ଭଳି ଜଣାପଡୁନାହିଁ। ପ୍ରଶାସକଙ୍କଠାରୁ ସରକାର କାମ ଆଦାୟ କରିପାରୁ ନାହାନ୍ତି। ସରକାର ଚାହିଁଲେ ୨୪ ଘଣ୍ଟାରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ। କିନ୍ତୁ ପ୍ରଶାସକଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଅର୍ଥ ରୋଜଗାରରେ ବ୍ୟସ୍ତ। ନାରୀ ନିର୍ଯାତନାକୁ ନେଇ ୨୦ ହଜାର ମହିଳା ବିଧାନସଭା ଘେରିବା ସମୟରେ ଜଣେ ହେଲେ ପୁରୁଷ କର୍ମୀ ରହିବେ ନାହିଁ। ମହିଳାମାନେ ହିଁ ସରକାରଙ୍କୁ ନାରୀ ନିର୍ଯାତନା ପ୍ରସଙ୍ଗରେ ଜବାବ ମାଗିବେ ବୋଲି ସେ କହିଛନ୍ତି।

## ଆୟୁଷ୍ମାନ କାର୍ଡରେ ଚିକିତ୍ସା କରି ଟଙ୍କା ପାଉନାହାନ୍ତି ହସ୍ପିଟାଲ: ବକେୟା ପଡ଼ିଛି ୧.୨୧ ଲକ୍ଷ କୋଟି

**ନୂଆଦିଲ୍ଲୀ, ୨୭/୭**

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବେ ସଂକଟରେ । ଏହି ଯୋଜନା ମାଧ୍ୟମରେ ସରକାର ଦେଶର ୫୫ କୋଟି ଗରିବ ଲୋକଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ଯୋଗାଇଦେଇଥାନ୍ତି । ହେଲେ ଏବେ ଏହି ଯୋଜନା ବଡ଼ ଆର୍ଥିକ ସଂକଟରେ ପଡ଼ିଛି । ଭାରତୀୟ ଚିକିତ୍ସା ସଂଘ ଆଇଏମଏ ମୁତାବକ ଏହି କାର୍ଡ ଅଧିନରେ ଘରୋଇ ହସ୍ପିଟାଲ ଚିକିତ୍ସା କରାଉଥିଲେ ବି ଏପର୍ଯ୍ୟନ୍ତ ୧.୨୧ ଲକ୍ଷ କୋଟି ଟଙ୍କା ପାଇ ନାହାନ୍ତି। ଠିକ୍ ସମୟରେ ଘରୋଇ ହସ୍ପିଟାଲକୁ ଟଙ୍କା ମିଳୁନଥିବାରୁ ହସ୍ପିଟାଲଗୁଡିକ ଆୟୁଷ୍ମାନ କାର୍ଡ ଅଧିନରେ ଚିକିତ୍ସା କରିବାକୁ ରାଜି ହେଉନାହାନ୍ତି । ଏନେଇ ଆଇଏମଏ ତରଫରୁ ଏକ ଶ୍ୱେତପତ୍ର ଜାରି କରାଯାଇଛି। ସଂସଦରେ ସରକାର ସୂଚନା ଦେଇଛନ୍ତି ଯେ, ଏହି ଯୋଜନାରେ ଏପର୍ଯ୍ୟନ୍ତ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ମେଡିକାଲଗୁଡିକୁ ପ୍ରଦାନ କରାଯାଇଛି । ଏହାସହ ଏପର୍ଯ୍ୟନ୍ତ ୪୧ କୋଟି ହିତାଧିକାରୀ କାର୍ଡ ପାଇଛନ୍ତି । ସବୁଠାରୁ ଅଧିକ ୫.୩୩ କୋଟି କାର୍ଡ ଉତ୍ତରପ୍ରଦେଶରେ ବଣ୍ଟନ କରାଯାଇଛି । ଆୟୁଷ୍ମାନ ଯୋଜନାକୁ ଏପର୍ଯ୍ୟନ୍ତ ୩୧,୪୬୬ ମେଡିକାଲରେ ସାମିଲ କରାଯାଇଛି । ଏଥିମଧ୍ୟରୁ ୧୪ ହଜାରରୁ ଅଧିକ ଘରୋଇ ହସ୍ପିଟାଲ ରହିଛି । ଆଇଏମଏ କହିଛି ଯେ, ଏହି ଯୋଜନା ଅଧିନରେ ଘରୋଇ ହସ୍ପିଟାଲମାନେ ଚିକିତ୍ସା କରାଉଥିବା ବେଳେ ଅର୍ଥ ପାଇବାରେ ବିଳମ୍ବ ହେଉଛି। ଜଟିଳ ରୋଗର ଚିକିତ୍ସା ପାଇଁ ସରକାର କମ୍ ଟଙ୍କା ଦେଉଥିବାରୁ ତାହା ମଧ୍ୟ ଘରୋଇ ହସ୍ପିଟାଲ ପାଇଁ ବଡ଼ ସମସ୍ୟା ହୋଇ ଠିଆ ହୋଇଛି । ଆଇଏମଏ ତରଫରୁ ଦିଆଯାଇଥିବା ସୂଚନା ମୁତାବକ ୨୦୨୧-୨୩ ମଧ୍ୟରେ ଗୁଜରାଟରେ ୩୦୦ କୋଟି ଟଙ୍କା ହସ୍ପିଟାଲ ଗୁଡିକ ପାଇବାକୁ ଥିବା ବେଳେ ସରକାର ତାହା ପ୍ରଦାନ କରିନାହାଁନ୍ତି । କେରଳରେ ୪୦୦ କୋଟି ଥିବା ବେଳେ ସାରା ଦେଶରେ ୬୪ ଲକ୍ଷ ମାମଲା ରହିଛି । ଯେଉଁଥିରେ ସରକାର ୬୪ ଲକ୍ଷ ଆବେଦନ ଉପରେ ୧.୨୧ ଲକ୍ଷ କୋଟି ଟଙ୍କା ସରକାରଙ୍କ ଉପରେ ବକେୟା ରହିଛି । ଆଇଏମଏ କହିଛି ଯେ, ଏହି ଯୋଜନା ଅଧିନରେ ପ୍ୟାକେଜ୍ ରେଟ୍ ବହୁତ କମ୍ ରହିଛି ଯାହା ବିଶେଷ ଭାବେ ଘରୋଇ ହସ୍ପିଟାଲରେ ଜଟିଳ ଅପରେସନ ଓ ଗୁରୁତର ଚିକିତ୍ସା ଖର୍ଚ୍ଚକୁ ପୂରା କରିପାରୁନି । ଏହାସହ ଆଇଏମଏ ସରକାରଙ୍କୁ କିଛି ପରାମର୍ଶ ଦେଇଛି । ସଂଘ କହିଛି ଯେ, ଟଙ୍କା ପ୍ରଦାନ ପ୍ରକ୍ରିୟାକୁ ଅଟୋମେଟ କରିବା ଓ ରିୟଲ ଟାଇମ୍ ଟ୍ରାକିଂ ସିଷ୍ଟମ ଲାଗୁ କରିବାର ଆବଶ୍ୟକତା ରହିଛି ।

# ବିଏମ୍‌ସିର ୱାର୍ଡ କାର୍ଯ୍ୟାଳୟ: ଅନୁଦାନ ନାହିଁ, ଅଟକିଛି ନିର୍ମାଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀବାସୀଙ୍କୁ ହାତପାଆନ୍ତାରେ ସେବା ଲକ୍ଷ୍ୟରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପ୍ରତି ୱାର୍ଡରେ ସ୍ୱତନ୍ତ୍ର ୱାର୍ଡ କାର୍ଯ୍ୟାଳୟ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ୟ ଥିଲା ସଂପୃକ୍ତ ୱାର୍ଡବାସୀଙ୍କ ଟିକିନିଖି ସମସ୍ୟା ସେହି ୱାର୍ଡ କାର୍ଯ୍ୟାଳୟରେ ସମାଧାନ ହେବ। ଲୋକେ ଆଉ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟକୁ ଦୌଡ଼ିବେ ନାହିଁ। କିନ୍ତୁ ୬ ବର୍ଷ ପରେ ବି ଏହି ଲକ୍ଷ୍ୟ ପୂରଣ ହୋଇପାରିନି। ଭୁବନେଶ୍ୱର ମହାନଗର ନିଗମର ୬୭ଟି ୱାର୍ଡରୁ ୨୧ଟି ୱାର୍ଡରେ ଅଦ୍ୟାବଧି ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ଆରମ୍ଭ ହୋଇନି। ୪୬ ୱାର୍ଡରୁ କିଛି ସଂପୂର୍ଣ୍ଣ ହୋଇଥିବାବେଳେ କିଛି ଏବେ ବି ନିର୍ମାଣାଧୀନ ରହିଛି। ଫଳସ୍ୱରୂପ କେଉଁଠି ଭଡ଼ା ଘରେ ତ କେଉଁଠି କ୍ଲବ୍ ଘରେ ଏହି କାର୍ଯ୍ୟାଳୟ ଚାଲିଛି। ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାରେ ପ୍ରତିବନ୍ଧକ ସାଜିଛି ବଜେଟ୍। ଭୁବନେଶ୍ୱର ମହାନଗର ନିଗମ ପାଖରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ଟଙ୍କା ନଥିବାରୁ କାମ ଆଗେଇ ପାରୁନି। ସେପଟେ କିଛି ଜାଗାରେ ଜମି ସମସ୍ୟା ବି ପ୍ରତିବନ୍ଧକ ସାଜିଛି। ଏ ସଂପର୍କରେ ଦୁଇମାସ ତଳୁ ଭୁବନେଶ୍ୱର ମହାନଗର ନିଗମ ନଗର ଉନ୍ନୟନ ବିଭାଗକୁ ଚିଠି କଲାଣି। ଏ ନେଇ ଆବଶ୍ୟକ ବଜେଟ୍ ଅନୁମୋଦନ ପାଇଁ ଅନୁରୋଧ କରିଛି। କିନ୍ତୁ ନଗର ଉନ୍ନୟନ ବିଭାଗ ଏହି ଅର୍ଥ ମଞ୍ଜୁର କରିନାହିଁ। ସରକାର-ଜନତାଙ୍କ ସଂପର୍କରେ ସେତୁବନ୍ଧ ଲକ୍ଷ୍ୟରେ ୨୦୧୯ ମସିହାରେ ୬୭ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ୨୦୨୨ ମସିହାରେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେଲା। ପ୍ରତି ୱାର୍ଡ କାର୍ଯ୍ୟାଳୟ ନିର୍ମାଣପାଇଁ ୪୬ରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ଥିଲା। ଯୋଜନା ଅନୁଯାୟୀ, ୱାର୍ଡର ଲୋକେ ପ୍ରଥମେ ଅଭିଯୋଗ ନେଇ ୱାର୍ଡ କାର୍ଯ୍ୟାଳୟକୁ ଯିବେ। ସେଠାରେ ୱାର୍ଡ ଅଧିକାରୀ ସମସ୍ୟାର ସମାଧାନ କରିବେ। ସମାଧାନ ସମ୍ଭବପର ନ ହେଲେ ଜୋନାଲ୍ କମିସନର୍ ଅବା ବିଏମ୍‌ସି ମୁଖ୍ୟାଳୟକୁ ଅଭିଯୋଗ ପଠାଯିବ। ପ୍ରତି ୱାର୍ଡ କାର୍ଯ୍ୟାଳୟରେ ମୁଖ୍ୟ ଭାବେ ଜଣେ ୱାର୍ଡ ଅଫିସରଙ୍କ ସହ ଜଣେ କନିଷ୍ଠ ଯନ୍ତ୍ରୀ, ଜଣେ ଗୋଷ୍ଠୀ ସଂଗଠକ, ଜଣେ ପରିମଳ ନିରୀକ୍ଷକ, ଜଣେ ୱାର୍ଡ ସର୍କାର ବା ମାର୍କେଟ୍ ଫି କଲେକ୍ଟର, ଜଣେ ଡାଟା ଏଣ୍ଟ୍ରି ଅପରେଟର,ଜଣେ ଲାଇଟ୍ ଜମାଦାର ରଖିବାକୁ ନିଷ୍ପତ୍ତି ହୋଇଥିଲା। ଜୁନିୟର ଆସିଷ୍ଟାଣ୍ଟ ତଥା ଟ୍ୟାକ୍ସ କଲେକ୍ଟରଙ୍କୁ ୱାର୍ଡ ଅଫିସର ନିଯୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୱାର୍ଡ କାର୍ଯ୍ୟାଳୟରେ ୱାର୍ଡ ଅଧିକାରୀ ଓ ଅନ୍ୟମାନଙ୍କ ପାଇଁ ଚାମ୍ବର ସହ ୱାର୍ଡବାସୀଙ୍କ ପାଇଁ ଶୌଚାଳୟ, ବସିବା ପାଇଁ ଚେୟାର ଆଦି ଯୋଜନା ଥିଲା। କିନ୍ତୁ ଅର୍ଥ ଓ ଜମି ଅଭାବରୁ ଏହି ଯୋଜନା ଅଧପନ୍ତରିଆ ହୋଇପଡ଼ିଛି। ଗତ ବୁଧବାର କର୍ପୋରେସନ୍ ବୈ?ଠକରେ ଏ ନେଇ ହୋହଲ୍ଲା ହୋଇଥିଲା। ମେୟର ସୁଲୋଚନା ଦାସ କହିଥିଲେ, ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ନଗର ଉନ୍ନୟନ ବିଭାଗକୁ ଆମେ ଚିଠି ଲେଖିଛୁ। ୱାର୍ଡ ଅଫିସ୍ ସହ ରାସ୍ତାଘାଟ, ନାଳ ଓ ଅନ୍ୟାନ୍ୟ କାମ ପାଇଁ ଅନୁଦାନ ମାଗିଛୁ। ନିୟମାନୁଯାୟୀ, ମୁଖ୍ୟ ଶାସନ ସଚିବ ସ୍ୱତନ୍ତ୍ର ବୈଠକ ଡାକି ଏହି ବଜେଟ୍ ଅନୁମୋଦନ କରିବେ। ଆବଶ୍ୟକ ଅନୁଯାୟୀ ଉଭୟ ଜମି ଓ ଟଙ୍କା ମଞ୍ଜୁର କରିବେ। କିନ୍ତୁ ଅଦ୍ୟାବଧି ବୈଠକ ବସିନି କି ଅନୁଦାନ ମଞ୍ଜୁର ହୋଇନି। ତଥାପି ଆଶା ରଖିଛୁ, ସରକାର ଏହି ଅନୁଦାନ ତୁରନ୍ତ ମଞ୍ଜୁର କରିବେ। ୪୪ ନମ୍ବର କର୍ପୋରେଟର୍ ଅଜିତ ବେହେରା କହିଛନ୍ତି, ଆଜି ସୁଦ୍ଧା ୱାର୍ଡ କାର୍ଯ୍ୟାଳୟ ହୋଇପାରୁନଥିବାରୁ ଲୋକେ କଲବଲ ହେଉଛନ୍ତି। ଯେତେଶୀଘ୍ର ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ହେବ, ସେତେ ଶୀଘ୍ର ୱାର୍ଡ ସମସ୍ୟା ଦୂର କରିବା ସହଜ ହେବ। କିନ୍ତୁ କେଉଁଠି ଜମି ତ କେଉଁଠି ଟଙ୍କାର ଅଭାବ ରହିଛି। ଏ ଦିଗରେ ସରକାରଙ୍କୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

# ରାଜପଥରେ ପ୍ରତି ଘଣ୍ଟାରେ ଦୁର୍ଘଟଣା ନେଉଛି ୬ରୁ ଅଧିକ ଜୀବନ, ବାଇକ୍ ଆକ୍ସିଡେଣ୍ଟ ବେଶୀ



**ନୂଆଦିଲ୍ଲୀ :**

ସଡ଼କ ଦୁର୍ଘଟଣାକୁ ନେଇ ବଡ଼ ତଥ୍ୟ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ । ରାଜ୍ୟସଭାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ କହିଛନ୍ତି ଯେ, ୨୦୨୫ ବର୍ଷର ପ୍ରଥମ ଛଅ ମାସ (ଜାନୁଆରୀରୁ ଜୁନ୍) ମଧ୍ୟରେ ସାରା ଦେଶରେ ଜାତୀୟ ରାଜପଥରେ ୨୬,୭୭୦ ଜଣଙ୍କର ମୃତ୍ୟୁ ହୋଇଛି। ସେହିଭଳି ୨୦୨୪ ରେ ରାଜପଥରେ ୫୨,୬୦୯ ଗୁରୁତର ଦୁର୍ଘଟଣା ରେକର୍ଡ କରାଯାଇଛି । ଦୁର୍ଘଟଣା ରୋକିବା ପାଇଁ ସରକାର ଏଟିଏମ୍‌ଏସ, ସଡ଼କ ସୁରକ୍ଷା ଅଡିଟ୍ ଏବଂ କଠୋର ଟ୍ରାଫିକ୍ ନିୟମ କାର୍ଯ୍ୟକାରୀ କରିଛନ୍ତି । ଏହା ସହିତ, ଜନସଚେତନତା ଅଭିଯାନ ମଧ୍ୟ ଚାଲିଛି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କିଛି ବ୍ୟସ୍ତବହୁଳ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଏବଂ ଏକ୍ସପ୍ରେସୱେରେ ଆଡଭାନ୍ସଡ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ସ୍ଥାପନ କରିଛି। ଏଥିରେ ଦିଲ୍ଲୀ-ମେରଠ ଏକ୍ସପ୍ରେସୱେ, ଟ୍ରାନ୍ସ-ହରିଆଣା, ପୂର୍ବ ପେରିଫେରାଲ ଏକ୍ସପ୍ରେସୱେ ଏବଂ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ଭଳି ରୁଟ୍ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ, ଏହି ସିଷ୍ଟମରେ ଇଲେକ୍ଟ୍ରୋନିକ୍ ମନିଟରିଂ ଉପକରଣ ରହିଛି। ଏହା ଦୁର୍ଘଟଣା କିମ୍ବା ଜରୁରୀକାଳୀନ ପରିସ୍ଥିତି ବିଷୟରେ ତୁରନ୍ତ ସୂଚନା ଦେଇଥାଏ। ଫଳରେ ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ତୁରନ୍ତ ସହାୟତାଯୋଗାଇ ଦିଆଯାଇ ପାରିବ। ଏନ୍‌ଏଚ୍‌ଏଆଇର ସମସ୍ତ ନୂତନ ହାଇ ଡେନସିଟି ଏବଂ ହାଇ-ସ୍ପିଡ୍ କରିଡର ପ୍ରକଳ୍ପରେ ଏଟିଏମ୍‌ଏସ୍ ଲାଗୁ କରାଯାଇଛି। ଏହାକୁ ପୁରୁଣା ରାଜପଥରେ ଏକ ପୃଥକ ପ୍ରକଳ୍ପ ଭାବରେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ସେ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ, ଗତ ତିନି ବର୍ଷ ମଧ୍ୟରେ ୧,୧୨,୫୬୧ କିଲୋମିଟର ଜାତୀୟ ରାଜପଥର ସଡ଼କ ସୁରକ୍ଷା ଅଡିଟ୍ କରାଯାଇଛି । ଭାରତରେ ସଡ଼କ ଦୁର୍ଘଟଣା ଏକ ଗମ୍ଭୀର ସମସ୍ୟା ପାଲଟିଛି । ୨୦୨୨ରେ ଦେଶରେ ୪.୫ ଲକ୍ଷରୁ ଅଧିକ ସଡ଼କ ଦୁର୍ଘଟଣା ଘଟିଛି । ଯେଉଁଥିରେ ୧.୫ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ ଦୁଇଚକିଆ ଯାନ ବେଶୀ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ସାଧାରଣତଃ - ଦ୍ରୁତ ଗତି, ହେଲମେଟ୍ ବିନା ବାଇକ୍ ଚଲାଇବା ଏବଂ ଲୋକମାନେ ଭୁଲ ଉପାୟରେ ରାସ୍ତା ପାର ହେବା ଆଦି ସାମିଲ। ସରକାର ଏବେ ରାସ୍ତା ସୁରକ୍ଷା ଉପରେ ନିରନ୍ତର କାର୍ଯ୍ୟ କରୁଛନ୍ତି। ଯାହା ଦ୍ୱାରା ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ ଏବଂ ଲୋକଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅଗଷ୍ଟ ୨୦୨୫ ସୋମବାର





# ବାଲେଶ୍ୱରରେ ୫,୬୬,୮୫୨ ହିତାଧିକାରୀଙ୍କୁ ସୁଭଦ୍ରାର ତୃତୀୟ କିସ୍ତି ପ୍ରଦାନ

**ବାଲେଶ୍ୱର, ନ୍ୟୁଜ**

ବାଲେଶ୍ୱର ସହରର ଗୋପାଳଗାଁ ସ୍ଥିତ ଆୟୁଷ୍ମାନ ମଣ୍ଡପରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ସାଂସଦ ପ୍ରତାପ ଷଡ଼ଙ୍ଗୀ , ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଉପ ଜିଲ୍ଲାପାଳ ଶିବ ମାଲ୍ଲିୟ, ଉପ ଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ, ଡିଏସଡବ୍ଲୁଓ ଜ୍ୟୋତ୍ସ୍ନା ମହାନ୍ତିଂକ ସହିତ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଧାୟକମାନେ ରାକ୍ଷୀର ମହତ୍ତ୍ୱ ବିଷୟରେ କଥା କହି, ସୁଭଦ୍ରା ଯୋଜନା କିପରି ଓଡ଼ିଶାର ଲକ୍ଷ ଲକ୍ଷ ମା-ଭଉଣୀଙ୍କୁ ସଶକ୍ତ କରୁଛି, ତାହା ଉଲ୍ଲେଖ କରିଥିଲେ। ସାଂସଦ ପ୍ରତାପ ଷଡଙ୍ଗୀ ଗହ୍ମା ପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା ଓ କ୍ରାନ୍ତିଦିବସର ମାହାତ୍ମ୍ୟ ବ୍ୟାଖ୍ୟା କରି, ଏହି ଯୋଜନା ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ବୃଦ୍ଧି କରୁଥିବା କଥା କହିଥିଲେ। ବିଭିନ୍ନ ବ୍ଲକରୁ ବକ୍ତୃତା, କୁଇଜ୍, ପେଣ୍ଟିଂ ଓ



ରଚନା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ କୋରାପୁଟରୁ ମୁଖ୍ୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୧ କୋଟି ମହିଳାଙ୍କ ବ୍ୟାଙ୍କ ଖାତାକୁ ସୁଭଦ୍ରା ସହାୟତା ରାଶି ପ୍ରେରଣ କରିଥିଲେ। ପୁଣି ୭୬୨ କୋଟି ଟଙ୍କାରୁ ଅଧିକର ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ ମଧ କରିଥିଲେ । ଜୟପୁର-ଭୁବନେଶ୍ୱର ବନ୍ଦେ ଭାରତ ଏକ୍ସପ୍ରେସ୍ ? ଟ୍ରେନ ଚାଲିବା, କାଗଜ କଳର ର ପୁନରୁଦ୍ଧାର, ନୂଆ ପ୍ଲସ୍ ଥ୍ରି କଲେଜ୍ ? ସ୍ଥାପନା ପରି ପ୍ରକଳ୍ପ ଆଦିର ଘୋଷଣା କରିଥିଲେ। ସୁଭଦ୍ରା ଯୋଜନା କିପରି ମହିଳାଙ୍କ ଜୀବନରେ ପ୍ରଗତି ଓ ପରିବର୍ତ୍ତନ ଆଣୁଛି, ତାହାକୁ ସେ ନିଜର ଅଭିଭାଷଣରେ ଉଲ୍ଲେଖ କରିଥିଲେ। ବାଲେଶ୍ୱର ଜିଲ୍ଲାର ୫ଲକ୍ଷ,୬୬,ହଜାର ୮୫୨ ଜଣ ହିତାଧିକାରୀ ଏହି ତୃତୀୟ କିସ୍ତିରୁ ଲାଭାନ୍ୱିତ ହୋଇଛନ୍ତି।

# 'ଡିସାଲାଇନେସନ୍ ଏସଡବ୍ଲୁଆରଓ ଜଳ ବିତରଣ ପ୍ରକଳ୍ପ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

**ଛତ୍ରପୁର, ନ୍ୟୁଜ ବ୍ୟୁରୋ**

ଦୁଇଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଛତ୍ରପୁରର ମାଟିଖାଲରେ ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ୍ ପରିସରରେ ସମୁଦ୍ରର ଲୁଣି ପାଣିକୁ ମଧୁର ଜଳରେ ବିଶୋଧନ କରିବା ଦିଗରେ ଏକ ଡିସାଲାଇନେସନ୍ ଏସଡବ୍ଲୁଆରଓ ଜଳ ବିତରଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଶ୍ରୀ ପ୍ରଧାନ ଏହି ୱାଟର୍ ୟୁନିଟ ପରିଦର୍ଶନ କରିବା ସହ ପାଣି ବିଶୋଧନ ପରେ ତା'ର ସ୍ୱାଦ ମଧ ଚାଖିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଆଜି ଯେଉଁ ପଦକ୍ଷେପର ଶୁଭାରମ୍ଭ ହୋଇଛି ତାହା ସାମୁଦ୍ରିକ ଲୁଣି ଜଳକୁ ମଧୁର ଜଳରେ ପରିଣତ କରିବା ଦିଗରେ ପ୍ରକ୍ରିୟାକରଣର ଏକ ପ୍ରକଳ୍ପ । ଗଞ୍ଜାମ ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବାରୁ ବିଭିନ୍ନ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାଏ । ସମୁଦ୍ର ନିକଟତର ହେବା ସତ୍ତ୍ୱେ ଭୂତଳ ଜଳରେ ଲୁଣିଆ ସ୍ତର ଅଧିକ ଏବଂ ସୀମିତ ମଧୁର ଜଳ ସମ୍ପଦ ଯୋଗୁଁ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ଏକ ସ୍ଥାୟୀ ସମସ୍ୟା ହୋଇ ରହିଛି । ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା । ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଜଳ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ସ୍ୱଚ୍ଛ ପାନୀୟ ଜଳର ଏକ ନିର୍ଭରଯୋଗ୍ୟ ଉତ୍ସ ପ୍ରଦାନ କରିବ । ସ୍ଥାନୀୟ ଅଞ୍ଚଳ ପାଇଁ ଦୀର୍ଘ ଦିନ ଧରି ଏକ ଚ୍ୟାଲେଞ୍ଜ ହୋଇ ରହିଥିବା ଜଳ ଆବଶ୍ୟକତାକୁ ପୂରଣ କରିବ । ଆଜିର ପଦକ୍ଷେପ ପାଇଁ ସୁସ୍ଥ ସମାଜ ଗଠନ କରିବା



ତଥା ସ୍ଥାୟୀ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଆଇଆରଇଏଲକୁ ସେ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ଷ୍ଟ୍ରାଟେଜିକ ସକ୍ଟରରେ ଆଇଆରଇଏଲ (ଇଣ୍ଡିଆ) ଲିମିଟେଡ୍ ଦେଶର ଏକ ମହତ୍ୱପୂର୍ଣ୍ଣ କମ୍ପାନୀ । ବିଗତ ୪୦ରୁ ୪୫ ବର୍ଷ ଧରି ଦେଶର ବିକାଶ ପାଇଁ ବିରଳ ମୃତ୍ତିକା ପାଇଁ କାମ କରୁଛନ୍ତି । ବ୍ୟବସାୟିକ ଉଦ୍ୟୋଗ ଭାବେ ବିଗତ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆରସି) ନିଜସ୍ୱ ଟେକ୍ନୋଲୋଜି ମାଧ୍ୟମରେ ୧୬୦ କୋଟି ଟଙ୍କା ଖର୍ଚ୍ଚ କରି ଲୁଣି ପାଣିକୁ ବିଶୁଦ୍ଧ କରି ଲୋକଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ନାଗରିକଙ୍କ ପାଖରେ ପହଞ୍ଚାଇବାର ଟେକ୍ନୋଲୋଜି ସାମ୍ନାକୁ ଆଣିଥିଲେ। ଭାରତୀୟ ଟେକ୍ନୋଲୋଜିରେ ଏଠାରେ ଏକ ସେଭଳି ଏକ ପ୍ଲାଣ୍ଟ ସ୍ଥାପନା ହୋଇଛି । ଇସ୍ରାଇଲ ଯେପରି ଲୁଣି ପାଣିକୁ ବିଶୁଦ୍ଧ କରି ବ୍ୟାପକ ଭାବେ ତାହାକୁ କାମରେ ଲଗାଉଛି, ଏଠାରେ ମଧ ପ୍ରଥମ ପର୍ଯ୍ୟାୟରେ ମାଟିଖାଲ, ଆର୍ଯ୍ୟପଲ୍ଲୀ ଅଞ୍ଚଳର ଲୋକମାନଙ୍କୁ ପାନୀୟ ଜଳ ଯୋଗାଯିବ । ଏଥିପାଇଁ ପ୍ରତି ଜଳ ଲିଟର ପିଛା ମାତ୍ର ୧୧ ପଇସା ଖର୍ଚ୍ଚ ହେବ । ଆମ ରାଜ୍ୟ ଓଡ଼ିଶାରେ ୪୫୦ କିମି ସମୁଦ୍ର ତଟ ଅଛି । ତଟବର୍ତ୍ତୀ ଅଞ୍ଚଳରେ ବିଶୁଦ୍ଧ ପାଣିର ସମସ୍ୟା ଥାଏ । ସେ ଦିଗରେ ଆଜି ଆଇଆରଇଏଲ ତରଫରୁ ସିଏସଆର ପ୍ରକଳ୍ପ ଅଧୀନରେ ଆଖପାଖ ଗାଁକୁ ପାଣିର ବ୍ୟବସ୍ଥା କରାଯିବା ସାଧୁ ଉଦ୍ୟମ । ସମୁଦ୍ର ଲୁଣିପାଣିକୁ ମଧୁର ଜଳରେ ପରିଣତ କରି ଲୋକଙ୍କୁ ପ୍ରଦାନ କରିବା କାର୍ଯ୍ୟ ଏହା ରାଜ୍ୟରେ ସମ୍ଭବତଃ ପ୍ରଥମ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ସୁପାରିସ ପ୍ରସଙ୍ଗକୁ ହାଇକୋର୍ଟଙ୍କ ଝଟକା

**କଟକ, ନ୍ୟୁଜ ବ୍ୟୁରୋ**

ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିବା ପ୍ରସଙ୍ଗକୁ ଝଟକା ଲାଗିଛି। ହାଇକୋର୍ଟ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏଥିସହିତ ବଦଳି ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଏହି ମାମଲାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ସୋରଡ଼ା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ସମାନ ପ୍ରସଙ୍ଗ ନେଇ ବିଚାରାଧୀନ ଅନ୍ୟ ଏକ ମାମଲା ସହିତ ଏହି ଆବେଦନର ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ପରବର୍ତ୍ତୀ ଶୁଣାଣି ହେବ। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ନମିତା ମିଶ୍ରଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୋରଡ଼ା ବ୍ଲକ୍‌ର ସିଦ୍ଧପୁରସ୍ଥିତ ସରକାରୀ ପ୍ରାଥମିକ ସ୍କୁଲରୁ ବେଲଗୁଣ୍ଠା ବ୍ଲକ୍ ଅଧୀନ ବୋରି ଅପଗ୍ରେଡେଡ୍ ହାଇସ୍କୁଲକୁ ଆବେଦନକାରୀଙ୍କ ବଦଳି ହୋଇଥିଲା। ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତରଫରୁ ଜାରି ଜୁଲାଇ ୧୦ର ନିର୍ଦ୍ଦେଶରେ ଆବେଦନକାରୀଙ୍କ ସହିତ ବହୁ ଶିକ୍ଷକଙ୍କ ବଦଳି କରାଯାଇଥିଲା। ବିଧାୟକଙ୍କ ସୁପାରିସ ଆଧାରରେ ଆବେଦନକାରୀଙ୍କ ବଦଳି ହୋଇଥିବା ଜଣାପଡ଼ିଥିଲା। ସରକାରୀ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲର ପ୍ରାଥମିକ ଶିକ୍ଷକ, ଜିଲ୍ଲା ପରିଷଦ ଶିକ୍ଷକଙ୍କ ବଦଳି ପାଇଁ କେ?ଣସି ନିୟମ ନଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ୨୦୧୨ ମେ ୧୫ର ବିଜ୍ଞପ୍ତିରେ ଏକ ଗାଇଡ୍‌ଲାଇନ୍ ଉଲ୍ଲେଖ କରାଯାଇଥିଲା। ଏହି ଗାଇଡ୍‌ଲାଇନ୍ ଉଲ୍ଲଂଘନ କରି ତାଙ୍କର ବଦଳି କରାଯାଇଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଡ.ପୁରୁଷୋତ୍ତମ ଚୁଳି ଓ ଆଇନଜୀବୀ ପ୍ରୀତି ପୁଣ୍ୟତୋୟା ମାମଲା ପରିଚାଳନା କରୁଛନ୍ତି।

# ଯାଜପୁରରେ ୪,୬୨,୭୫୧ ଜଣ ପାଇଲେ ସୁଭଦ୍ରାର ତୃତୀୟ କିସ୍ତି

**ଯାଜପୁର, ନ୍ୟୁଜ ବ୍ୟୁରୋ**

ସମ୍ମାନ ଓ ସମୃଦ୍ଧିର ନାଁ ସୁଭଦ୍ରା ଯୋଜନା। ଏହି ଯୋଜନାର ସଫଳତା ମା' ମାନଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ରହିଛି। ସୁଭଦ୍ରା ଯୋଜନାକୁ ଆହୁରି ତ୍ୱରାନ୍ୱିତ କରି ମା' ଓ ଭଉଣୀ ମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ କୋରାପୁଟ ଜିଲ୍ଲାର ଜୟପୁର ଠାରେ ୩ୟ କିସ୍ତି ସୁଭଦ୍ରା ସହାୟତା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଯାଜପୁର ଜିଲ୍ଲା ରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଆୟୋଜିତ ସିଧାପ୍ରସାରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକସଭା ସାଂସଦ, ଯାଜପୁର ଡ. ରବୀନ୍ଦ୍ର ନାରାୟଣ ବେହେରା ସମସ୍ତଙ୍କୁ ବଳଭଦ୍ର ଜନ୍ମ ତଥା ରାକ୍ଷୀ ପୂର୍ଣ୍ଣିମା ଓ ସୁଭଦ୍ରା ଯୋଜନା ତୃତୀୟ କିସ୍ତି ପ୍ରଦାନର ଶୁଭେଚ୍ଛା ଜଣାଇଥିଲେ। ମହିଳା ମାନଙ୍କର ଉନ୍ନତି ହେଲେ



ଦେଶର ପ୍ରଗତି ହେବ। ମହିଳା ବିକାଶର ଅର୍ଥ ଦେଶର ବିକାଶ। ସୁଭଦ୍ରା ଯୋଜନା ରାଜ୍ୟସରକାର ଙ୍କ ଏକ ଅଭିନବ ପ୍ରୟାସ। ଯାଜପୁର କୁ ରେଳ ସଂଯୋଗ ହେବାସହ ଯେତେ ଯେତେ ପ୍ରକଳ୍ପ କୁ ସମ୍ପୂର୍ଣ୍ଣ କରାଯାଇ ବିରଜା କ୍ଷେତ୍ର ଯାଜପୁର କୁ ବିକଶିତ ଜିଲ୍ଲାରେ ପରିଣତ କରାଯିବ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅମ୍ବର କୁମାର କର କହିଲେ ଅଳ୍ପ ଦିନ ହେବ ଜିଲ୍ଲାପାଳ ଭାବେ ଯୋଗ ଦେଇଛି । ମା ବିରଜା ଙ୍କ ଆଶୀର୍ବାଦ ରେ ସମସ୍ତଙ୍କ ପାଖରେ ପହଂଚିବି । ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦିଆଯାଉଛି । ଏହାର ସଦବିନିଯୋଗରେ ଆପଣ ନିଜ ପାଇଁ ନିଜ ପରିବାର ପାଇଁ କିଛି କରିପାରିବେ। ସରକାରଙ୍କ ଉଦେଶ୍ୟ ଆପଣଙ୍କୁ ସାମର୍ଥ୍ୟ ଯୋଗାଇଦେବା। ଆମ ଜିଲ୍ଲାରେ ଅନେକ ସଫଳ କାହାଣୀ ରହିଛି । ମହିଳା ମାନଙ୍କ ଭିତରେ ଥିବା ପ୍ରତିଭା କୁ ଚିହ୍ନଟ କରି ତାଙ୍କୁ ପ୍ରଶିକ୍ଷିତ କରି ଆଗକୁ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯାଜପୁର ଜିଲ୍ଲାର ୪,୬୨,୭୫୧ ଜଣ ହିତାଧିକାରୀ ସୁଭଦ୍ରା ତୃତୀୟ କିସ୍ତି ର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ତିନି ଜଣ ସୁଭଦ୍ରା ହିତାଧିକାରୀ ବାସନ୍ତୀ ପଣ୍ଡା, ଅନୁପମା ରଣା ଓ ପ୍ରଜ୍ଞାନ ଲତା ସ୍ୱାଇଁ ସେମାନଙ୍କର ସଫଳ କାହାଣୀ ବର୍ଣ୍ଣନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଯାଜପୁର ବି ଡି ଓ ହେମନ୍ତ କୁମାର ମହନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ରାୟଗଡାରେ କମୁନି ଦାଦନ ଦୁଃଖ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ

**ରାୟଗଡା, ନ୍ୟୁଜ ବ୍ୟୁରୋ**

ରାୟଗଡାରେ ପୁଣି ଦାଦାନ ଶ୍ରମିକଙ୍କ ମୃତ୍ୟୁ, ମୃତ ନାବାଳକ ଶ୍ରମିକ ହେଲେ ଶେଷଖାଲ ଥାନା ଅନ୍ତର୍ଗତ ଟୁରୀହଂସା ଗ୍ରାମର ୧୭ ବର୍ଷୀୟ ଚିଣ୍ଟୁ ମାଣ୍ଡାଙ୍ଗି । ଗତ ଏକ ମାସ ତଳେ ଆନ୍ଧ୍ରପ୍ରଦେଶ ଯାଇଥିଲେ ଦାଦାନ ଖଟିବାକୁ । ଦେହ ଅସୁସ୍ଥ ହେବାରୁ ଘରକୁ ଆସି ଘରୁ ଚିକିତ୍ସା ପାଇଁ ଜେମାଦେଇପେଣ୍ଟ ଡାକ୍ତରଖାନା ଯାଉଥିବା ସମୟରେ ବେଳେ ବାଟରେ ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁସାରେ ଶେଷଖାଲ ଥାନା ଅନ୍ତର୍ଗତ ଠୁରିହାନ୍ସ ଗ୍ରାମର ୧୭ ବର୍ଷୀୟ ଚିଣ୍ଟୁ ମାଣ୍ଡାଙ୍ଗି ନିଜ ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ର ପ୍ରଦେଶ ଯାଇଥିଲେ । ସେଠାରେ ଜ୍ୱର ହବାରୁ ଗତକାଲି ନିଜ ଘରକୁ ଫେରିଥିଲେ । ହେଲେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ସାଙ୍ଗମାନେ ଜେମାଦେଇପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଘରେ ବାପା ସମାରାଓ ମାଣ୍ଡାଙ୍ଗି ଙ୍କ ସହିତ ଦୁଇଜଣ ସାନ ଭଉଣୀ ଘରେ ଅଛନ୍ତି । ମାଆ ୪ ବର୍ଷ ତଳୁ ନିଜ ପିଲାଙ୍କୁ ଛାଡି କୁଆଡେ ପଳାଇଯାଇଥିବା ବେଳେ ବାପା କିଛି କାମ ନକରି ଘରେ ରୁହନ୍ତି । ମାଆ ଛାଡି ଗଲାପରେ ଘର ଚଳିବା କଷ୍ଟକର ହୋଇପଡିବାରୁ ନିଜ ଦୁଇ ସାନ ଭଉଣୀଙ୍କୁ ପାଠ ପଢ଼ାଇବା ପାଇଁ ନିଜେ ପାଠ ଛାଡି ବାହାରକୁ କାମ ପାଇଁ ବାହାରିଯାଇଥିଲା ଚିଣ୍ଟୁ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଅଣାଯାଇଥିବା ଜଣାପଡିଛି ।

# ନିଜ ହକ୍ ଅଧିକାର ପାଇଁ ରାଜ ରାସ୍ତାରେ ଗର୍ଜିଲେ ହଜାର ହଜାର ଆଦିବାସୀ

**ରାଇଘର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଗଣ୍ଡ ସମାଜ, ସାନା ସମାଜ, ଗାଦବା ସମାଜ,ଯାନୀ ସମାଜ, ଗଣ୍ଡ ସମାଜ, ସାନା ସମାଜ, ଗାଦବା ଗଣ୍ଡ ଙ୍କ ସମେତ ହଲବା ସମାଜ, ବଞ୍ଜାରା ସମାଜ, କଣ୍ଡାଧରା ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସଦର ମହକୁମାର ନୂତନ ବସଷ୍ଟାଣ୍ଡ ଠାରେ ବ୍ଲକ ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହା ସମାଜ, ସୌରା ସମାଜ, ଦୁରୁଆ ସମାଜ ର ଲୋକେ ଉପସ୍ଥିତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଜନସାଧାରଣ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା ଆଦିବାସୀ ସମ୍ପ୍ରଦାୟର




ପ୍ରତ୍ୟେକ ଜାତିର ସଭାପତି, ଉପ ସଭାପତି, ସମ୍ପାଦକ, କୋଷାଧକ୍ଷ ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ୮ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା । ସମସ୍ତେ ପ୍ରଥମେ ମଉଳିମା ମନ୍ଦିର ଠାରେ ରୁଣ୍ଡ ହେବା ପରେ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଠାରେ ପହଂଚିଥିଲେ । ପାରମ୍ପରିକ ବେଶରେ ସମସ୍ତେ ସଜେଇ ହୋଇ ପାରମ୍ପରିକ ବାଜାର ତାଳେ ତାଳେ ନାଚିଗାଇ ମଞ୍ଚ ନିକଟରେ ପହଂଚିବା ପରେ ପ୍ରଥମେ ଦେବାଦେବୀଙ୍କ ପୂଜାର୍ଚ୍ଚନା ସାରି ପତାକା ଉତ୍ତୋଳନ କରିଥିଲେ । ପରେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ଅତିଥୁ ପରିଚୟ ପ୍ରଦାନ କରାଯାଇଥିଲା । ମଞ୍ଚାସିନ ଅତିଥିମାନଙ୍କ ମଧ୍ୟରେ ଜନଜାତି ସୁରକ୍ଷାମଞ୍ଚ ସଭାପତି ସୁବର୍ଣ୍ଣ ଗଣ୍ଡ, ସମ୍ପାଦକ ଲଛମନ ନାୟାକ, ଉପ ଉପସଭାପତି ସୁବଲନ ସାନ୍ତା, ହରି ଭଦ୍ରା, ରୁପ ବଞ୍ଜାରା, ନରସିଂ ଯାନୀ,ଲକ୍ଷ୍ମୀନ ହନ୍ତାଳ, ହୀରାଲାଲ ହାଲବା, କୋଷାଧକ୍ଷ ପିଲସାଏ ଗଣ୍ଡ ସଂଯୋଜକ ଘନଶ୍ୟାମ ଗଣ୍ଡ, ଚିତ୍ତରଞ୍ଜନ ରହିଥିଲେ ତା ସହ ବ୍ଲକ ଅଧକ୍ଷ ଗୁପ୍ତ ପ୍ରଶାସ ଝାଙ୍କର, ସନରାଜ ଗଣ୍ଡ,ସୁଦର୍ଶନ ମାଝୀ, ସୁକଦେବ ଗଣ୍ଡ ମଣିରାମ ଗଣ୍ଡ ଯତୀନ୍ଦ୍ରନାଥ ଗଣ୍ଡ, ଚିତ୍ତରଞ୍ଜନ ଗଣ୍ଡ, ନବୀ ସାନ୍ତା,ସୁବଲାଲ ସାନ୍ତା ଙ୍କ ସମେତ ସମସ୍ତ ମୁଖ୍ୟଲୋକ ଆଦିବାସୀ ମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ନିଜ ନିଜ ଅବିଭାଷଣ ରଖୁବା ସହିତ ଆଦିବାସୀ ପରମ୍ପରା, ସଂସ୍କୃତି ତଥା ଆଞ୍ଚଳିକ ପର୍ବ ପର୍ବାଣୀକୁ ଜୀବିତ ରଖୁବାକୁ ପରାମର୍ଶ ଦେଇଥିଲେ । ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ସରକାରୀ ଛୁଟି ଘୋଷଣା କରାଯିବା ସହିତ ଆଦିବାସୀ ମାନଙ୍କ ପ୍ରମୁଖ ପର୍ବ ପର୍ବାଣୀ ଗୁଡିକ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଉ ବୋଲି ସମସ୍ତ ମଞ୍ଚାସିନ ଅତିଥିମାନେ ଦାବୀ କରିଥିଲେ ପରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବିଭିନ୍ନ ଗ୍ରାମରୁ ଆଦିବାସୀ ଡାନ୍ସ ଗ୍ରୁପର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରି ମଞ୍ଚାସିନ ଅତିଥି ଓ ଜନସାଧାରଣଙ୍କ ମନରଞ୍ଜନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ହେବାକୁ ଥିବା ଜାଣି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା

# ୧୪୬ ଗ୍ରାମ୍ ବ୍ରାଉନ ସୁଗାର ସହ ୮ ଗିରଫ


**କେନ୍ଦୁଝର, ନ୍ୟୁଜ**

ରାଜ୍ୟ ସରକାରଙ୍କ ପକ୍ଷରୁ ଅପରେସନ ଗରୁଡ଼ ଚାଲୁଥିବା ବେଳେ କେନ୍ଦୁଝର ସଦର ଥାନା ପୋଲିସକୁ ବ୍ରାଉନ ସୁଗାର କାରବାର କରୁଥିବା ୮ ଜଣଙ୍କୁ ଧରିବାରେ ବଡ ସଫଳତା ମିଳିଛି । କେନ୍ଦୁଝର ସଦର ଥାନା ପୋଲିସ ଆଜି ବିଭିନ୍ନ କେନ୍ଦୁଝରର ବିଭିନ୍ନ ସ୍ଥାନରେ ଚଢାଉ କରି ୧୪୬ ଗ୍ରାମ ବ୍ରାଉନ ସୁଗାର ଜବତ ସହ ଏହି କାରବାରରେ ଜଡିତ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ଗ୍ରାମର ଅମିତ କୁମାର ସାହୁ(୩୬), ଗୋବର୍ଦ୍ଧନ ଗ୍ରାମର ସୁଧିର ଚନ୍ଦ୍ର ବେହେରା(୩୭), ବନାଯୋଡି ଗ୍ରାମର ଶାନ୍ତନୁ ବ୍ରହ୍ମ(୪୫), ଟାଉନ ଥାନା ଅନ୍ତର୍ଗତ ମାଇନିଂ ରୋଡ ନିର୍ମଳା କନଭେଣ୍ଟ ସ୍କୁଲ ନିକଟ ବିଶ୍ୱଜିତ୍ ତ୍ରୀପାଠୀ(୨୬), ଭାଲୁକିପତଳାର





ଶ୍ରବଣ ସାହୁ(୩୦), ବୁଲାଦୁଆର ସାହିର ସାହାରୁଖ ଖାନ(୩୨), ବାବୁଲାଲ କଲୋନୀର ଅଜନ୍ତା ହୋଟେଲ ନିକଟ ସାହିଲ ଖାନ(୨୯), ତୁରୁମୁଙ୍ଗା ଥାନା ଅଂଚଳର ତୁରୁମୁଙ୍ଗା ସାହିର ଅନିଲ କୁମାର ସାହୁ(୩୬) ବୋଲି ଜଣାପଡିଛି । ସେମାନଙ୍କ ଠାରୁ ପୋଲିସ ୧୪୬ ଗ୍ରାମର ବ୍ରାଉନ ସୁଗାର ସହିତ ନଗଦ ୪୯୦୦ ଟଙ୍କା, ଗୋଟିଏ ବୁଲେଟ ସହିତ ୩ ଟି ବାଇକ, ଓଡି୦୯-ଇ-୯୪୨୯ ନମ୍ବର ବିଶିଷ୍ଟ ଗୋଟିଏ ଟାଟା ଇଣ୍ଡିଗୋ କାର ଏବଂ ୬ ଟି ମୋବାଇଲ ଜବତ କରିଛି । କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକରଙ୍କ ନିର୍ଦ୍ଦେଶରେ ଗତ ୮ ତାରିଖ ଦିନ ବିଶେଷ ସୂତ୍ରରୁ ଖବର ପାଇ କେନ୍ଦୁଝର ସଦର ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ବ୍ରାଉନ ସୁଗାର କାରବାର କରୁଥିବା ଅମିତ ସାହୁ ଓ ସୁଧିର ଚନ୍ଦ୍ର ବେହେରା କୁ ବାଲିଆଗୋଡା ଛକରୁ ଧରିଥିଲେ । ପୋଲିସ ସେମାନଙ୍କ ଠାରୁ ୧୪୬ ଗ୍ରାମର ବ୍ରାଉନ ସୁଗାର ଏବଂ ଓଡି୦୯-ଏବି-୭୭୩୬ ନମ୍ବର ବାଇକ ଜବତ୍ କରିଥିଲେ । ସେମାନଙ୍କୁ ପଚରାଉଚୁରା ବେଳେ ବ୍ରାଉନ ସୁଗାର ଅନୁଗୁଳ ଅଂଚଳରୁ ଆସୁଥିବା ଏବଂ ଅନ୍ୟ ଅଭିଯୁକ୍ତଙ୍କ ଜରିଆରେ ସଦର,ଟାଉନ ଏବଂ ତୁରୁମୁଙ୍ଗା ଥାନା ଅଂଚଳରେ ବିକ୍ରୀ ହେଉଥିବା କହିଥିଲେ। ଏହାର ତଦନ୍ତ କରି ଉକ୍ତ ରାକେଟ ର ୮ ଜଣଙ୍କ ବିରୋଧରେ ସଦର ଥାନାରେ କେସ ନମ୍ବର ୪୩୭/୦୮/୦୮/୨୦୨୫ରେ ମାମଲା ରୁଜୁ କରି ଏନଡିପିଏସ୍ ଆଇନର ଧାରା ୨୧(ବି),୨୯ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଅଧିକାରୀ ଅମିତ୍ କୁମାର ଭୂୟାଁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି । ଜବତ୍ ୧୪୬ ଗ୍ରାମର ବ୍ରାଉନ ସୁଗାରର ଅନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୧୧।୮।୨୦୨୫, ଶ୍ରାବଣ ଦି୨୭ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୨୫।୪୩** **ଚନ୍ଦ୍ରୋଦୟ- ରାଘ ୭।୪୯।୦୮**

**ଦ୍ୱିତୀୟା-** ଦିଘ ୧୦।୩୪ ପର୍ଯ୍ୟନ୍ତ। **ଶତଭିସାନକ୍ଷତ୍ର-** ଦିଘ ୧୧।୦୧ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। **ଘାତ ଚନ୍ଦ୍ର-** ମିଥୁନ, ଓ ମୀନ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତ କଖାରୁ ଦିଘ ୧୦/୩୪ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫/୩୦ ଗତେ ଘ ୭/୦୫ ମଧ୍ୟେ, ଦିଘ ୧୦/୩୫ ଗତେ ଘ ୧/୦୮ ମଧ୍ୟେ।




**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।




**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।




**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।




**ସିଂହ:** ସମସ୍ତ ସୁବିଧା ଥିଲେ ମଧ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।




**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।




**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।




**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୨।୮।୨୦୨୫, ଶ୍ରାବଣ ଦି୨୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫/୨୬/୦୧** **ଚନ୍ଦ୍ରୋଦୟ- ରାଘ ୮/୨୬/୧୩**

**ତୃତୀୟା-** ଦିଘ ୮/୪୧ ପର୍ଯ୍ୟନ୍ତ। **ପୂର୍ବଭାଦ୍ରନକ୍ଷତ୍ର-** ଦିଘ ୧୧/୫୨ ପର୍ଯ୍ୟନ୍ତ। **କୁମ୍ଭଚନ୍ଦ୍ର-** ପ୍ରାଘ ୬/୧୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। **ପ୍ରାଘ ୬/୧୦ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର ପ୍ରାଘ ୬/୧୦ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟ, ଦିଘ ୮/୪୧ ପରେ ମୂଳା ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୮/୪୧ ଗତେ ଘ ୧୦/୩୫ ମଧ୍ୟେ, ଦିଘ ୧/୦୮ ଗତେ ଘ ୧/୨୭ ମଧ୍ୟେ।

**ପର୍ବୋତ୍ସବ-**ଅଂଗଭେଟତୃତୀୟା, ଶରଣ ପଞ୍ଚକ ଶେଷ, ବିଶ୍ୱ ଯୁବ ଦିବସ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅଗଷ୍ଟ ୨୦୨୫ ସୋମବାର





# ଡ୍ରାଫ୍ଟମ୍ୟାନ୍ ନଥିବାରୁ ୧୦ଟି ରାଜସ୍ୱ ଗ୍ରାମର ଜମି କିଣା ବିକା ହୋଇପାରୁନି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ତହସିଲରେ ଦୀର୍ଘ ୪ ବର୍ଷ ହେଲା ଡ୍ରାଫ୍ଟମ୍ୟାନ ନଥିବାରୁ ପ୍ରାୟ ୧୦ଟି ରାଜସ୍ୱ ଗ୍ରାମର ଜମି ଖର୍ଦ୍ଦ ବିକ୍ରି ହୋଇପାରୁ ନଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଜିଲ୍ଲାପାଳଙ୍କୁ ଭେଟି ଡ୍ରାଫ୍ଟମ୍ୟାନ୍ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି । ଦାବି ମୁତାବକ ୨୦୨୨ ମସିହାରୁ ବଳରାମପୁର ସମେତ ଦଶୋଟି ରାଜସ୍ୱ ଗ୍ରାମର ଜମି ବିକା କିଣା ବନ୍ଦ ଥିବାରୁ ଶ୍ରୀ ପୃଷ୍ଟି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅନୁରୋଧ କରିଛନ୍ତି । ଏଥି ପୂର୍ବରୁ ଏହି ୧୦ଟି ମୌଜାରେ ବିକା କିଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସାଧାରଣ ଲୋକେ ମେଡିକାଲ୍ ଖର୍ଚ୍ଚ ପିଲାଙ୍କ ଉଚ୍ଚ ଶିକ୍ଷ୍ୟା କନ୍ୟା ବିବାହ ଆଦି ପାଇଁ ନିଜର ସ୍ଥାବର ସମ୍ପତି ବିକ୍ରି ଜରୁରୀ ଥିବାବେଳେ ସୀମା ନିର୍ଦ୍ଧାରଣ ସଂଶୋଧନ ଜନିତ ଅହେତୁକ ବିଳମ୍ବ ହେବାରୁ ସାଧାରଣରେ ଚିନ୍ତାର କାରଣ ହୋଇଛି । ଜିଲ୍ଲାପାଳ ତୁରନ୍ତ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସାରିବାକୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକଙ୍କୁ ଏହାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ବରଗଡ଼ ଓ ଝାରସୁଗୁଡ଼ାର ଉପାନ୍ତ ଇଲାକାରେ ସମସ୍ୟା ବୁଝିଲେ ସାଂସଦ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଓ ଝାରସୁଗୁଡ଼ାର ଉପାନ୍ତ ଅଞ୍ଚଳରେ ମିଳୁନି ବିଏସ୍ଏନ୍ଏଲ୍ ସୁବିଧା । ଏନେଇ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ ଆଲୋଚନା କରିଛନ୍ତି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ଏହି ଦୁଇ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ନେଟୱର୍କ ସେବାର ଉନ୍ନତି ଏବଂ ବିଏସ୍ଏନ୍ଏଲ୍ ନେଟୱର୍କର ଅପ୍‌ଗ୍ରେଡେସନ୍ ବ୍ୟବସ୍ଥା କରିବାକୁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀଙ୍କୁ ଭେଟି ଦାବି କଲେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ । ବିଶେଷକରି ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଟେଲି ଯୋଗାଯୋଗ ନେଇ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ ଆଲୋଚନା କରିଛନ୍ତି ପ୍ରଦୀପ ପୁରୋହିତ । ଏସବୁ ଅଞ୍ଚଳର ଗାଁ ଲୋକମାନେ ସମ୍ମୁଖୀନ ହେଉଥିବା ଟେଲି ଯୋଗାଯୋଗ ଅସୁବିଧା ଉପରେ ସେ ଆଲୋକପାତ କରିଛନ୍ତି । ଅପର୍ଯ୍ୟାପ୍ତ ବିଏସ୍ଏନ୍ଏଲ୍ ଭିତ୍ତିଭୂମି ଯୋଗୁଁ ମୋବାଇଲ୍ ସଂଯୋଗର ଗମ୍ଭୀର ଅଭାବକୁ ଦର୍ଶାଇଛନ୍ତି । କିଛି ଟାୱାର୍ ଥିବା ସତ୍ତ୍ୱେ ସେମାନେ ଅନେକ ଗ୍ରାମାଞ୍ଚଳ ଏବଂ ଉପାନ୍ତ ଅଞ୍ଚଳରେ ପର୍ଯ୍ୟାପ୍ତ କଭରେଜ୍ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଡିଜିଟାଲ୍ ଭାରତ ନିଧି ଯୋଜନାରେ ଉପଲବ୍ଧ ଥିବା ଆର୍ଥିକ ସହାୟତା ବ୍ୟବହାର କରି ବିଏସ୍ଏନ୍ଏଲ୍ ଭିତ୍ତିଭୂମିକୁ ଅପ୍‌ଗ୍ରେଡ୍ କରି ସମସ୍ୟାର ସମାଧାନ କରିବାକୁ ପ୍ରଦୀପ ପୁରୋହିତ ଅନୁରୋଧ କରିଛନ୍ତି । ଏହି ଯୋଜନା ଦେଶର ଅନୁନ୍ନତ ଏବଂ ଗ୍ରାମାଞ୍ଚଳରେ ଟେଲିକମ୍ ଭିତ୍ତିଭୂମି ସ୍ଥାପନକୁ ବିଶେଷ ଭାବେ ସହାୟକ ହୋଇଥାଏ । ଆଜିର ଡିଜିଟାଲ୍ ଯୁଗରେ ମୋବାଇଲ୍ ସେବା ଓ ନେଟୱର୍କ ନିତ୍ୟାନ୍ତ ଆବଶ୍ୟକ । କୋଟି କୋଟି ଲୋକ ମୋବାଇଲ୍‌ରେ କଥାବାର୍ତ୍ତା, ସୂଚନା



ନେଣଦେଣ, ମେସେଜିଂ ସହ ମୋବାଇଲ୍ ବ୍ୟାଙ୍କିଂ, ମନୋରଞ୍ଜନ ଭଳି ସେବା ପାଉଛନ୍ତି । ହେଲେ ଦୁର୍ଭାଗ୍ୟର ବିଷୟ ହେଉଛି, ବରଗଡ଼ ଜିଲ୍ଲାର ପଦ୍ମପୁର, ପାଇକମାଳ, ଝାରବନ୍ଧ ଓ ଅମ୍ବାଭୋନା ଏବଂ ଝାରସୁଗୁଡ଼ାର ଜିଲ୍ଲାର ଲଖନପୁର ବ୍ଲକରେ ବିଏସ୍ଏନ୍ଏଲ୍ ନେଟୱର୍କ ସୁବିଧା ନାହିଁ । ଏସବୁ ଅଞ୍ଚଳରେ ବିଏସ୍ଏନ୍ଏଲ୍ ଟାୱାର ସ୍ଥାପନା କରାଯାଇଥିଲେ ବି ଉପାନ୍ତ ଅଞ୍ଚଳ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ସାଂସଦ ଦର୍ଶାଇଛନ୍ତି । ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି । ଆବଶ୍ୟକ ସ୍ଥାନରେ ନୂଆ ମୋବାଇଲ୍ ଟାୱାର ସ୍ଥାପନା ବା ବିଏସ୍ଏନ୍ଏଲ୍ ଭିତ୍ତିଭୂମିକୁ ଅପ୍‌ଗ୍ରେଡେସନ୍ କରାଯାଉ ବୋଲି ସାଂସଦ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କହିଛନ୍ତି ।

# ଖାଲଖମାରେ ଭର୍ତ୍ତି ବୁଦ୍ଧଲିଙ୍ଗ ଭଗବାନପୁର ରାସ୍ତା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ କୋତପୁର ପଞ୍ଚାୟତ ବୁଦ୍ଧଲିଙ୍ଗ ଛକରୁ ଭଗବାନପୁରକୁ ସଂଯୋଗ କରୁଥିବା ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇଛି । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୂଚନାଥାଉକି ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତାର ଚତର ପଡ଼ିଆ ନିକଟରୁ ବାହାରିଥିବା ଏହି ରାସ୍ତା ଗୋକର୍ଣ୍ଣେଶ୍ୱର-ବନମାଳିପୁର ନଦୀବନ୍ଧ ରାସ୍ତାର ବୁଦ୍ଧଲିଙ୍ଗ ଛକ ନିକଟରେ ସଂଯୋଗ ହୋଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏହାକୁ ୬ ବର୍ଷ ପୂର୍ବେ ଢଳେଇ କରାଯାଇଥିଲା । ୭ ଶହ ମିଟର ଲମ୍ବର ଏହି ରାସ୍ତା ନିର୍ମାଣରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିଲା । ଏଥିରେ ଏକାଧିକ କଲ୍‌ଭର୍ଟ ଓ କଂକ୍ରିଟ୍ ୱାଲ୍ ନିର୍ମାଣ ହୋଇଥିଲା । ତେବେ ଏହା ଏକ ବନ୍ୟାପ୍ରବଣ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ରାସ୍ତା ଉପରେ କେଲୁଅ ନଦୀର ବନ୍ୟାଜଳ ପ୍ରବାହିତ ହୋଇଥାଏ । ସେହିପରି ୨୦୨୦ରେ ହୋଇଥିବା ବନ୍ୟାରେ ଏହି ରାସ୍ତା ୧ ସପ୍ତାହ ଧରି ବନ୍ୟା ଜଳରେ ବୁଡ଼ି ରହିଥିଲା । ଫଳରେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗିରୁଜି ଯିବା ସହ ଧୋଇ ହୋଇଯାଇଥିଲା । ୫ ବର୍ଷ ହେଲା ରାସ୍ତାରେ ଅନେକ ଖାଲଖମା ସୃଷ୍ଟି ହୋଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉନାହିଁ । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଉକ୍ତ ରାସ୍ତାର ଅବସ୍ଥା ସୁଧୁରି ପାରୁନାହିଁ । ଏହି ରାସ୍ତା ଦେଇ ପ୍ରତ୍ୟହ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ବଜ୍ରଗିରି କଲେଜକୁ ଯାଇଥାନ୍ତି । ସେହିପରି ଲୋକମାନେ ବୁଦ୍ଧଲିଙ୍ଗ ମନ୍ଦିର ଓ ନିକଟସ୍ଥ ଛକକୁ ବହୁ କଷ୍ଟରେ ଯାତାୟାତ କରିଥାନ୍ତି । ରାସ୍ତାଟି କମ୍ ଉଚ୍ଚର ହୋଇଥିବାରୁ ପ୍ରତ୍ୟେକ ବର୍ଷ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହୋଇ ରାସ୍ତା ନଷ୍ଟ କରୁଛି । ରାସ୍ତାକୁ ଅଧିକ ଉଚ୍ଚ ଓ ମଜ୍‌ବୁତ୍ କରିବା ପାଇଁ ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା ଓ ଯୁବନେତା ଅମୀୟ କୁମାର ପରିଡ଼ା ଦାବି କରିଛନ୍ତି ।

# ଗଞ୍ଜାମରେ ନୂତନ ଶିକ୍ଷା ନୀତିର ପ୍ରଭାବ:ପ୍ରଥମ ଶ୍ରେଣୀରେ ନାମଲେଖା ହ୍ରାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଠାରୁ ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯାଇଛି । ବୟସ ସୀମା ଧାର୍ଯ୍ୟ ଆଧାରରେ ନାମଲେଖା ହେଉଥିବାରୁ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ପ୍ରଥମ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ନାମଲେଖା ଆଶାତୀତ ହ୍ରାସ ପାଇଛି । ଗଞ୍ଜାମ ଜିଲ୍ଲାରେ ଗତ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ଯେତିକି ଛାତ୍ରଛାତ୍ରୀ ନାମ ଲେଖାଇଥିଲେ ଚଳିତବର୍ଷ ତାହା ଅଧାକୁ ଖସିଯାଇଛି । ଏହି ଜିଲ୍ଲାରେ ଗତ ବର୍ଷ ପ୍ରାଥମିକ ବିଦ୍ୟାଳୟରେ ୩୧,୩୩୯ ହଜାର ନାମ ଲେଖାଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୬,୭୨୪ରେ ସୀମିତ ରହିଛି । ସୂଚନାଥାଉକି, ଜାତୀୟ ଶିକ୍ଷାନୀତି ଆଧାରରେ ଗଞ୍ଜାମ ଜିଲ୍ଲାରେ ୨,୮୮୮ଟି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ଠାରୁ ଶିଶୁ ବାଟିକା ଲେଖାଯାଇଛି । ପୂର୍ବରୁ ୫ ବର୍ଷରୁ ଅଧିକ ବୟସର ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖା ଯାଉଥିଲା । ନୂତନ ନିୟମ ଲାଗୁ ହେବାପରେ ଏଥିରେ ପ୍ରତିବନ୍ଧକ ଲାଗିଛି । ଏପ୍ରିଲ୍ ୨୦୨୫ ସୁଦ୍ଧା ଯେଉଁ ପିଲାଙ୍କୁ ୪ ବର୍ଷ ୭ ମାସ ହୋଇଥିବ ଓ ସେପ୍ଟେମ୍ବର ସୁଦ୍ଧା ଯେଉଁ ଛାତ୍ରଛାତ୍ରୀଙ୍କୁ ୫ ବର୍ଷ ହୋଇଥିବ ସେମାନେ ସରକାରୀ ସ୍କୁଲ୍‌ରେ ଶିଶୁ ବାଟିକାରେ ନାମ ଲେଖାଇବେ । ସେହିପରି ଏପ୍ରିଲ୍ ସୁଦ୍ଧା ଯେଉଁ ଛାତ୍ରଛାତ୍ରୀଙ୍କୁ ୫ ବର୍ଷ ୭ ମାସ ହୋଇଥିବ ଏବଂ ସେପ୍ଟେମ୍ବର ସୁଦ୍ଧା ଯାହାକୁ ୬ ବର୍ଷ ବୟସ ହୋଇଥିବ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବାର ନିୟମ ହୋଇଛି । ଏହି ନିୟମ ଲାଗୁ ହେବାପରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖା ମଧ୍ୟରେ ୬ ମାସର ବ୍ୟବଧାନ ସୃଷ୍ଟି ହୋଇଛି । ଯାହା ପ୍ରାଥମିକ ଶ୍ରେଣୀର ନାମଲେଖା ସଂଖ୍ୟା ହ୍ରାସର କାରଣ ବୋଲି କୁହାଯାଉଛି । ଆସିକା ବ୍ଲକରେ ଥିବା ୧୨୯ଟି ବିଦ୍ୟାଳୟରେ ୮୬୮ ଜଣ ପିଲା ଶିଶୁ ବାଟିକାରେ ନାମ ଲେଖାଇଥିବା ବେଳେ ପ୍ରଥମ ଶ୍ରେଣୀର ୭୬୦ ଜଣ ନାମ ଲେଖାଇଛନ୍ତି । ସେହିପରି ଯଥାକ୍ରମେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ବେଗୁନିଆପଡ଼ା ବ୍ଲକ୍‌ର ୧୨୫ ବିଦ୍ୟାଳୟରେ ୯୧୬ ଓ ୭୫୪ ଜଣ, ବେଲଗୁଣ୍ଠାରେ ୬୮୦ ଓ ୫୭୦, ଭଞ୍ଜନଗରରେ ୯୮୫ ଓ ୭୯୭, ବୁଗୁଡ଼ାରେ ୯୮୫ ଓ ୬୩୧, ଛତ୍ରପୁରରେ ୭୫୯ ଓ ୪୯୪, ଚିକିଟିରେ ୬୭୫ ଓ ୪୬୦, ଧରାକୋଟରେ ୯୮୫ ଓ ୧୦୧୫, ଦିଗପହଣ୍ଡିରେ ୧୩୬୨ ଓ ୯୬୨ ଜଣ ନାମ ଲେଖାଇଛନ୍ତି । ସେହିପରି ଗଞ୍ଜାମ ବ୍ଲକ୍‌ରେ ୬୫୨ ଓ ୩୯୯, ହିଞ୍ଜିଳିକାଟୁରେ ୫୩୭ ଓ ୪୪୩, ଜଗନ୍ନାଥପ୍ରସାଦରେ ୮୨୮ ଓ ୭୬୪, କବିସୂର୍ଯ୍ୟନଗରରେ ୭୫୪ ଓ ୫୫୦, ଖଲ୍ଲିକୋଟରେ ୧୨୬୧ ଓ ୯୫୦, କୁକୁଡ଼ାଖଣ୍ଡିରେ ୬୭୭ ଓ ୬୦୯, ପାତ୍ରପୁରରେ ୭୯୫ ଓ ୬୦୫, ପୋଲସରାରେ ୧୦୭୫ ଓ ୮୩୫, ପୁରୁଷୋତମପୁରରେ ୮୫୧ ଓ ୧୨୧୪, ରଙ୍ଗେଇଲୁଣ୍ଡାରେ ୧୩୧୩ ଓ ୧୨୧୪, ସାନଖେମୁଣ୍ଡିରେ ୯୮୬ ଓ ୭୫୪, ଶେରଗଡ଼ରେ ୮୮୯ ଓ ୬୪୫ ଏବଂ ସୋରଡ଼ା ବ୍ଲକ୍‌ରେ ୧୯୭ ବିଦ୍ୟାଳୟରେ ୧୪୧୯ ଜଣ ଶିଶୁ ବାଟିକା ଓ ୧୨୯୯ ଜଣ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି । ଗତ ବର୍ଷ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୩୧,୩୩୯ ଜଣ ନାମ ଲେଖାଇଥିଲେ । ଚଳିତବର୍ଷ ଶିଶୁ ବାଟିକା ଖୋଲିବା ପରେ ପ୍ରାୟ ୩୧ ହଜାର ଛାତ୍ରଛାତ୍ରୀ ବଦଳରେ ୧୬ ହଜାର ୭୨୪ ଜଣ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି । ସେହିକ୍ରମରେ ୨୦୩୫-୩୬ ଶିକ୍ଷାବର୍ଷ ବେଳକୁ ଗଞ୍ଜାମ ସମେତ ସମଗ୍ର ରାଜ୍ୟରେ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ସଂଖ୍ୟା ମଧ୍ୟ ଅଧା ହୋଇଯିବ ବୋଲି ଅନୁମାନ କରାଯାଉଛି ।



# ବେଆଇନ୍ ଭାବେ ଗଚ୍ଛିତ ବାଲି ଜବତ କରିବାକୁ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା, ଭୂମିହୀନ ମାନଙ୍କୁ ପଟ୍ଟା ପ୍ରଦାନ, ରାଜସ୍ୱ ଆଦାୟ, ଆମ ଗାଁ ତହସିଲ କାର୍ଯ୍ୟକ୍ରମର ସମୀକ୍ଷା, ଖଣି ଅଧିକାରୀ ଓ ତହସିଲଦାର ଉଭୟ ମିଶି ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ବାଲିକୁ ଜବତ କରିବା, ବେଆଇନ୍ ଭାବେ ବାଲି ସୈରାତ ଓ ମାଟି ଉଠାଉଥିବା ଗାଡି ଗୁଡିକୁ ଜବତ କରିବା ନେଇ ଆଲୋଚନା କରାଯାଇଛି । ଏଥିସହିତ ଜିଲ୍ଲାରେ ବେଆଇନ୍ ଭାବେ ବିକ୍ରି ହେଉଥିବା ଚୋରା ମଦ କାରବାର ବନ୍ଦ କରିବାକୁ ଉପଜିଲ୍ଲାପାଳ ଶ୍ରୀ ନାୟକ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ସପ୍ତାହରେ ଜିଲ୍ଲ ସଡକ ସୁରକ୍ଷା ଓ ପରିବହନ ବିଭାଗକୁ ବିନା ହେଲ୍‌ମେଷ୍ଟରେ ଚଳାଉଥିବା ମଟର ସାଇକେଲ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ମଟର ସାଇକେଲର ସାଇଲେନ୍ସର୍ ପାଇପ୍‌କୁ ବାହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଖଣି ଅଧିକାରୀ, ପରିବହନ ଅଧିକାରୀ (ଆରଟିଓ), ଅବକାରୀ ଅଧିକାରୀଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁଧାର ଆସୁନି ଧାନମଣ୍ଡଳ ରେଳ ଷ୍ଟେସନ:ଦଲାଲଙ୍କ କବଳରେ ଆରକ୍ଷଣ କାଉଣ୍ଟର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଅତି ଦୟନୀୟ ଅବସ୍ଥାରେ ପଡିଥିବା ରେଳ ଷ୍ଟେସନର ଉନ୍ନତିକରଣ କରାଯାଇ ଏହା ନବକଳେବର କରାଯାଉଛି । ହେଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ହେଲେ ରେଳ ବିଭାଗ ପକ୍ଷରୁ ଏହା ଉପରେ ନଜର ନ ପଡିବା ରେଳ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ପୂର୍ବ ତଟ ରେଳ ବିଭାଗ ଅଧିନରେ ଥିବା ଯାଜପୁର ଜିଲାର ଧାନମଣ୍ଡଳ ଷ୍ଟେସନ କ୍ଷେତ୍ରରେ । ଏହି ଧାନମଣ୍ଡଳକୁ ନେଇ ଓଡିଶାର ପରିଚୟ ମଧ୍ୟ ଦେଇଛି । ହେଲେ ଏହି ରେଳ ଷ୍ଟେସନ ଅବସ୍ଥା ନ କହିବା ଭଲ । ଏହି ଷ୍ଟେସନରେ ନୂଆ କୋଠା,ରେଳ ଲାଇନ ଓ ଫୁଟ୍ ଓଭର ବ୍ରିଜ ନିର୍ମାଣ ହୋଇଥିଲା । ହେଲେ ଯାତ୍ରୀଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ ଯାହାକି ରେଳ ଯାତ୍ରାମାନେ ଅଭିଯୋଗ କରିଛନ୍ତି । ୧ନଂ ଲାଇନ ରେ ରେଳକୁ ଅପେକ୍ଷା କରି ରହୁଥିବା ଯାତ୍ରୀମାନଙ୍କ ପାଇଁ ଛାତଟିଏ ନାହିଁ । ଫଳରେ ଖରା ବର୍ଷାରେ ସେମାନେ ଘଂଟା ଘଂଟା ଧରି ଆସୁଥିବା ରେଳକୁ ଅପେକ୍ଷା କରି ରହୁଛନ୍ତି । ଏପରିକି ପାନୀୟ ଜଳ ପାଇଁ ସେପରି କିଛି ସୁବିଧା ନାହିଁ । ଏହି ଷ୍ଟେସନ ନିକଟକୁ ଲାଗି ରହିଛି ରିଜରଭେସନ କାଉଁଟର । ଏହି କାଉଁଟର ଉପରେ ବଡଚଣା ସମେତ ଧର୍ମଶାଳା ଓ ବରୀ ଅଂଚଳର ଲୋକେ ଟିକେଟ୍ କାଟିବା ପାଇଁ ଆସିଥାନ୍ତି । ସ୍ଥାନୀୟ ଦଲାଲଙ୍କ ଏହି କାଉଁଟରକୁ ଅକ୍ତିଆର କରି ରଖିଛନ୍ତି । ଲାଇନ ପାଇଁ ଦଲାଲମାନେ ପୂର୍ବରୁ ଧାଡି ବାନ୍ଧି ରହୁଛନ୍ତି । ଫଳରେ ପ୍ରକୃତ ଲୋକ ଟିକେଟ ନ ପାଇ ନିରାଶ ହୋଇ ଫେରୁଛନ୍ତି । ଏବଂ ଅପେକ୍ଷାରତ ଯାତ୍ରୀଙ୍କ ପାଇଁ ବିଦ୍ୟୁତ୍ ବୋର୍ଡର ବ୍ୟବସ୍ଥା ରହିଥିବା ବେଳେ ଏଠାରେ ଏହି ବୋର୍ଡ ଭାଙ୍ଗି ରୁଜି ପଡି ରହିଛି । ଏବଂ ବାହାରେ ଥିବା ଷ୍ଟ୍ରିଟଲାଇଟ୍ ନ ଥିବାରୁ ବାହାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହି ଷ୍ଟେସନରେ ଅନେକ ଲୋକାଲ ଓ ଏକ୍ସପ୍ରେସ ଟ୍ରେନ ରହୁଥିବାରୁ ବହୁ ରେଳ ଯାତ୍ରୀ ଏହି ଷ୍ଟେସନ ଉପରେ ନିର୍ଭର କରନ୍ତି । ତେବେ ଏହି ଷ୍ଟେସନ ଏଭଳି ଅବସ୍ଥାକୁ ନେଇ ରେଳ ଯାତ୍ରୀମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ରେଳ ବିଭାଗ ଏହି ଷ୍ଟେସନ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ନବକଳେବର କରିବାକୁ ଦାବି କରିଛନ୍ତି ।

# ‘ପଣ୍ଡିତ ନୀଳକଣ୍ଠ ଥିଲେ ଆଧୁନିକ ଉତ୍କଳର ସାଂସ୍କୃତିକ ଜୀବନର ଶ୍ରେଷ୍ଠ ପ୍ରତିନିଧି’

**ରାଉରକେଲା, ନ୍ୟୁଜ୍**

ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସ ଏକାଧାରାରେ ଜଣେ ଦାର୍ଶନିକ, ସାମ୍ବାଦିକ, ରାଜନୀତିକ, କବି, ଲେଖକ, ଆଦର୍ଶ ଅଧ୍ୟାପକ, ସମାଜ ସଂସ୍କାରକ, ତଥା ରାଷ୍ଟ୍ରନୀତିଜ୍ଞ ଭାବରେ ଓଡ଼ିଶାର ଜନମାନସରେ ପରିଚିତ। ସହରର ବିଶିଷ୍ଟ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ୧୪୨ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଥିଲେ। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜୟନ୍ତୀ ସଭା ପ୍ରାରମ୍ଭରେ ଅତିଥି ତଥା ଉପସ୍ଥିତ ସଦସ୍ୟମାନେ ନୀଳକଣ୍ଠଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ ଏବଂ ଧୂପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରଫେସର ଡ. ପ୍ରଭାତ କୁମାର ମଲ୍ଲିକ କହିଲେ ଯେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନୀଳକଣ୍ଠଙ୍କର ଅବଦାନ ଅବିସ୍ମରଣୀୟ। ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନାମ ପ୍ରତ୍ୟେକ ଓଡ଼ିଆଙ୍କର ପ୍ରାତଃ ସ୍ମରଣୀୟ। ପଣ୍ଡିତ ନୀଳକଣ୍ଠ ରେଭେନ୍ସା କଲେଜରୁ ଅଧ୍ୟୟନ ସାରି କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ସ୍ନାତକୋତ୍ତର ଶ୍ରେଣୀରେ କୃତିତ୍ୱ ସହ ପାଶ୍ କରିବା ପରେ ଉତ୍କଳମଣି ଗୋପବନ୍ଧୁଙ୍କ ଆହ୍ୱାନ୍‌କ୍ରମେ ତାଙ୍କ ଦ୍ୱାରା ସତ୍ୟବାଦୀରେ ପ୍ରତିଷ୍ଠିତ ହୋଇଥିବା ବନବିଦ୍ୟାଳୟରେ (ମଣିଷ ତିଆରି କାରଖାନା) ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ ଥିଲା ଅବିସ୍ମରଣୀୟ। ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ପ୍ରଚଣ୍ଡ ବିଦବତ୍ତା ଓ ଛାତ୍ରବତ୍ସଳତା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଆଧୁନିକ ଭାରତୀୟ ସାହିତ୍ୟ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗର ଅଧ୍ୟାପକ ଥିଲାବେଳେ ୧୯୨୧ରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ, ଦେଶ ଓ ଜାତିପ୍ରେମ ବିହ୍ୱଳିତ ମାନସିକତାରୁ ଅଧ୍ୟାପନା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୫୬ ମସିହାରେ ତାଙ୍କୁ ପଦ୍ମ ଭୂଷଣ ଉପାଧି ମିଳିଥିଲା। କୋଣାର୍କେ, ପ୍ରଣୟିନୀ, ଖାରବେଳ, ଦାସନାୟକ ପ୍ରଭୃତି କାବ୍ୟଗ୍ରନ୍ଥ, ନିଜର ଆତ୍ମଜୀବନୀ, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ଶ୍ରୀମଦ୍ ଭାଗବତ ଗୀତାର ସରଳୀକରଣ ସନ୍ଦର୍ଭ, ତାଙ୍କର ପାଣ୍ଡିତ୍ୱ, ବିଦ୍ୟାନିଷ୍ଠା, ସମାଜକଲ୍ୟାଣ ଭାବ, ଦେଶପ୍ରେମ ଓ ମାନବବାଦର ଗାଥା ବହନ କରେ। ଡ. ନଗେନ୍ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତ ଭୂଷଣ ମହାନ୍ତି, ରାଧାମୋହନ ନାୟକ, ରଶ୍ମିରଞ୍ଜନ ବୋଇତାଇ, ଲକ୍ଷ୍ମଣନାଥ ଦାସ, ଇନ୍ଦ୍ରମଣି ମହାପାତ୍ର, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ଶୁଭ୍ରାଂଶୁ ଶେଖର ମହାପାତ୍ର, ବିପିନ ବିହାରୀ ପଟ୍ଟନାୟକ, ପ୍ରଶନ୍ନ କୁମାର ମହାନ୍ତି, କିଶୋରୀ ମୋହନ କର, ସତ୍ୟନାରାୟଣ ଦାଶ, ଧରଣୀଧର ସାମଲ, ପ୍ରଦୀପ କୁମାର ପଟ୍ଟନାୟକ, ପରୀକ୍ଷିତ ଗୁରୁ, ଅଯୋଧ୍ୟା ନାଥ ଦାସ ପ୍ରମୁଖ ସହାୟତା କରିଥିବାବେଳେ ଡାକ୍ତର କୃପାସିନ୍ଧୁ ନାୟକ, ରାଜୀବ ପାଣି, ଅକ୍ଷୟ କୁମାର ସାମଲ, ସଞ୍ଜୀବ କୁମାର ଭୋଇ, କାଶୀନାଥ ପାତ୍ର, ବ୍ରଜେନ୍ଦ୍ର ଦାଶ, ତ୍ରିଲୋଚନ ସ୍ୱାଇଁ, ଡଃ. କରୁଣାକର ପାଟ୍ଟଶାଣୀ, ଗୌତମ ଦାସ, ବିଜୟିନୀ ଜେନା, କୁଞ୍ଜବିହାରୀ ରାଉତ, ଅଜୟ ମହାନ୍ତି, ସୁନୀଲ କୁମାର ଦାଶ, ପ୍ରମୋଦ କୁମାର ପତି, ଚାରୁଲତା ପ୍ରଧାନ, ଦିଲୀପ କୁମାର ବୋଲେ, କୈଳାଶ ଚନ୍ଦ୍ର ତାହାରି, କାଶୀନାଥ ପାତ୍ର, ମୁରଲୀଧର ଜୟପୁରିଆ, ଗୀତା ରାଣୀ ବେହେରା, ଆଶିଷ କୁମାର ଦାଶ, ବି.ଏନ୍.ଆଚାର୍ଯ୍ୟ ପ୍ରମୁଖ ଶତାଧିକ ସାହିତ୍ୟ ପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।




# ଅଙ୍ଗନୱାଡ଼ି କେନ୍ଦ୍ରର ଅପରିଷ୍କାର ଶୌଚାଳୟକୁ ଦେଖି ବିରକ୍ତ ହେଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ଃ ନୃପରାଜ ସାହୁ ଆଦିବାସୀ ଜନଜାତି ଶ୍ରେଣୀର ଲୋକେ ବସବାସ କରୁଥିବା ସ୍ଥାନୀୟ ପଟାଭାଡ଼ି ତଳ କୁଲପଡ଼ା ଓ ଉପର କୁଲପଡ଼ାକୁ ଅଚାନକ୍ ପରିଦର୍ଶନରେ ଆସି ସେଠାରେ ଥିବା ରାସ୍ତା, ପାନୀୟ ଜଳ, ସ୍ୱଚ୍ଛତା ଆଦି ବିଭିନ୍ନ ସମସ୍ୟାକୁ ତଦାରଖ କରି ଏସବୁ ବିଷୟରେ ଉପସ୍ଥିତ ବସ୍ତି ବାସିନ୍ଦା, ସଚେତନ ନାଗରିକ ଓ ପୌରପରିଷଦ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । କିଛି ବେସରକାରୀ ଜମି ମାଲିକ ଏ ଅଞ୍ଚଳର ବିକ୍ରି ପ୍ଲଟ୍ ମାନଙ୍କ ରାସ୍ତା ପୌରପରିଷଦକୁ ଏଯାଏଁ ହସ୍ତାନ୍ତର କରିନଥିବା ଯୋଗୁ ଏ ସମସ୍ୟା ଉପୁଜିଥିବା ବିଷୟ ଅଧିକାରୀଙ୍କ ଠାରୁ ଜାଣିବାକୁ ପାଇଲେ ଜିଲ୍ଲାପାଳ । କିନ୍ତୁ ପୌରପରିଷଦ ପୂର୍ବରୁ ଏ ରାସ୍ତାକୁ ଥରେ ନିର୍ମାଣ କରିଥିବା ବିଷୟ ଓ ବସ୍ତି ବାସିନ୍ଦାଙ୍କ ଠାରୁ ହୋଲ୍ଡିଂ ଟ୍ୟାକ୍ସ କ୍ରମାଗତ ଭାବେ ନେଉଥିବା ସତ୍ତ୍ୱେ ଆମେ ଏ ସର୍ବନିମ୍ନ ମୌଳିକ ସୁବିଧାରୁ କିପରି ବଞ୍ଚିତ ହେବୁ ବୋଲି ଏ ବିଷୟକୁ ଜିଲ୍ଲାପାଳଙ୍କୁ ଏ ବସ୍ତିର ଲୋକମାନେ ଅବଗତ କରାଇଥିଲେ ଏବଂ ସେସବୁର କିଭଳି ତୁରନ୍ତ ସମାଧାନ ହେବ ଏ ଦିଗରେ ଧ୍ୟାନ ଦେବାକୁ ପୌର ପ୍ରଶାସନକୁ ଜିଲ୍ଲାପାଳ ମଧ୍ୟ ନିର୍ଦ୍ଦେଶ କରିଥିଲେ । ଏ ଅଞ୍ଚଳର କିଛି ସଚେତନ ନାଗରିକ ବସ୍ତି ବାସିନ୍ଦା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପରେ ପରେ ଏହି ୧୦ ନମ୍ବର ୱାର୍ଡ଼ରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଅଙ୍ଗନୱାଡ଼ି କର୍ମୀ ଓ ଛୋଟ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ସେଣ୍ଟରର ଅପରିଷ୍କାର ଶୌଚାଳୟକୁ ଦେଖି ଅଙ୍ଗନୱାଡି କର୍ମୀଙ୍କ ଉପରେ ବିରକ୍ତି ପ୍ରକାଶ କରି ଏହି କେନ୍ଦ୍ରର ସମଗ୍ର ପରିସରକୁ ସଫା ସୁତରା ରଖି ପ୍ରଥମେ ପିଲାଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ଓ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ ମହିଳା କର୍ମୀଙ୍କୁ ପରାମର୍ଶ କରିଥିଲେ । ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପୁଷ୍ଟିକର ଖାଦ୍ୟ, ପୋଷାକ, ପୋଷଣ କାର୍ଯ୍ୟକ୍ରମ ଓ କ୍ୟାମ୍ପସର ପରିବେଶ ଓ ଭିତ୍ତିଭୂମିକୁ ତଦାରଖ କରିଥିଲେ । ଯେମିତି ସରକାରୀ ସବୁ ଯୋଜନା ଗୁଡ଼ିକ ଶିଶୁ ଓ ବସ୍ତିର ସମସ୍ତ ହିତାଧିକାରୀଙ୍କ ପାଖକୁ ପହଞ୍ଚି ପାରିବ ସେ ଦିଗରେ ପରାମର୍ଶ କରିଥିଲେ ।




# ସମସ୍ୟା ଘେରରେ ୫ ଲକ୍ଷ ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ହା ହା କାର। ଆଗଭଳି ଆଉ ମାଛ, ଚିଙ୍ଗୁଡ଼ି ଓ କଙ୍କଡା ମିଳୁନାହିଁ। ବାହାର ଦାଦନ ଖଟିବା ଏକ ମାତ୍ର ସାହା ଓ ଭରସା । ଦୀର୍ଘଦିନ ଧରି ମତ୍ସ୍ୟଜୀବୀ ସଂଘ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନଥିବା ଡବଲ ଇଞ୍ଜିନ ସରକାରରେ ସୁବିଧା ପାଇପାରିବେ ବୋଲି ଏକ ସ୍ମାରକ ପତ୍ର ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଲୋକସେବା ଭବନ ଠାରେ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ର ହେଲା ୧୯୮୮-୮୯ ଚିଲିକା ପଲିସି ବିଲ୍ ପୁନଃ ପ୍ରଚଳନ କରିବା, ଚିଲିକାରୁ ପଙ୍କ ଉଦ୍ଧାର ଓ ପାଲୁରୁ ସାହେବ କେନାଲ୍‌କୁ ଖୋଲି ଅବରୋଧ ହଟାଇବା, ୪୬୦୦୦ ଏକର ମତ୍ସ୍ୟ ଗୁଡା (ସୈରାତ)କୁ ଆଗରୁ ଯେଭଳି ନିୟମ ଥିଲା ତାକୁ ପୁନଃ ପ୍ରଚଳନ କଲେ କୋଟି କୋଟି ଟଙ୍କା ସରକାର ତହବିଲ ପାଇବେ, ୨୦୧୮ ମସିହା ଠାରୁ ଛୋଟ ଜାଲ, ଜିରୋ ନେଟ୍, ମାଢିଭିଡ, ପାତୁଆ ଜାଲ ପ୍ରଚଳନ ବନ୍ଦ କରିବା, ମାଟି ଘେରିବନ୍ଧ, ଅବରୋଧ ଘେରି ହଟାଇବା, ୧୫୦ ଖଣ୍ଡ ଗ୍ରାମର ୨୦୦ ମତ୍ସ୍ୟ ସମବାୟ ସମିତିର ମତ୍ସ୍ୟ ଚାଷୀ ସହିତ ଯୋଡ଼ା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ଯୋଜନାରୁ ଚିଲିକା ମତ୍ସ୍ୟଜୀବୀ ଲାଭବାନ ନେଇପାରିବେ ନାହିଁ। ମତ୍ସ୍ୟଜୀବୀ ଚିହ୍ନଟ ପ୍ରକ୍ରିୟା, ଆଗରୁ ଫିସ୍ ଫେଡ଼ ପରିଚାଳନା ପରିଷଦ ସଭାପତି ଚିଲିକା ମତ୍ସ୍ୟଜୀବୀ ଅଞ୍ଚଳରୁ ପଦ ପଦବୀରେ ରହୁଥିଲେ ପୁଣି ଏହାକୁ ପୁନଃ ପ୍ରଚଳନ କରିବା (ମୋଟ୍ ୧୫ ଜଣ ସଭ୍ୟ, ସଭ୍ୟା ମଧ୍ୟରୁ ୧୦ ଜଣ ଚିଲିକା ଅଞ୍ଚଳରୁ ଯାଉଥିଲେ) ୨୦୦୦ ମସିହା ଠାରୁ ବଞ୍ଚିତ କରାଯାଇ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଅନ୍ଧାରକୁ ଠେଲି ଦେଇଛନ୍ତି। ନିଶ୍ଚିତ ଭାବେ ସମସ୍ୟା ସମାଧାନ କରିବେ ବୋଲି ଆଶା ବାଢ଼ିଛନ୍ତି। ଏତତଃ ବ୍ୟତୀତ କେନ୍ଦ୍ର ସରକାରଙ୍କ ଫିସଫେଡ଼ ଭୁବନେଶ୍ୱର କାର୍ଯ୍ୟାଳୟଟି ବନ୍ଦ କରିଛନ୍ତି ତାକୁ ପୁନଃ ଚାଲୁ କରି ବୀମା ଦୁର୍ଘଟଣା ଜନିତ ମୃତ୍ୟୁର ସହାୟତା କାଗଜ ପତ୍ର ସିଧା ଦିଲ୍ଲୀ ଯାଉଥିଲା କିନ୍ତୁ ଏବେ ହାଇଦ୍ରାବାଦ ଯିବାକୁ ପଡୁଛି। ଏଣୁ କରି ଭୁବନେଶ୍ୱର ଠାରେ କାର୍ଯ୍ୟକ୍ଷମ କରାଗଲେ ସମସ୍ୟା ବ୍ୟତୀତ ଅନୁସାଙ୍ଗିକ ମୌଳିକ ସମସ୍ୟା ମଧ୍ୟ ଅବଗତ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଥିବା ମତ୍ସ୍ୟଜୀବୀ ନେତାଙ୍କ ଠାରୁ ପ୍ରକାଶ।

# ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ପରିଷଦକୁ କାର୍ଯ୍ୟକାରୀ କରିବାନିମନ୍ତେ ଦାବିପତ୍ର ପ୍ରଦାନ

**ଯାଜପୁର, ନ୍ୟୁଜ୍**

ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧିନରେ ରାଜ୍ୟର ମାତ୍ର ୧୫୦୦ରୁ ଅଧିକ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ଏହାର ପ୍ରତିବାଦରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଓ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଇତି ମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି। ମହାସଂଘର ସ୍ମାରକ ପତ୍ରରେ ପୂର୍ବ ସରକାର ସମୟରୁ ଲାଗୁ କରାଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରାଯାଉ। ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଞ୍ଚ ହଜାର କରାଯାଉ। ତତ୍‌ସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଉ। ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ନିକଟରେ ଥିବା ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ। ଉତ୍କର୍ଷ କଳାର ରାଜ୍ୟ ଆମ ଓଡ଼ିଶା। କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଓଡ଼ିଶା ଅସ୍ମିତାର ପରିଚୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରମ୍ପାରିକ କଳାକାରିଗରୀକୁ ବଞ୍ଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡ଼ିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି। ଏହା ରାଜ୍ୟର ଲକ୍ଷ ଲକ୍ଷ କାରିଗର ଓ ବୁଣାକାରଙ୍କ ମନରେ ତୀବ୍ର ଅସନ୍ତୋଷ ଭରି ଦେଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ସାତଶହରୁ ଉର୍ଦ୍ଧ୍ୱ କାରିଗର ଓ ବୁଣାକାର ସାମିଲ ହୋଇଥିବାବେଳେ ଶିଳ୍ପୀ ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଯାଜପୁର ଜିଲ୍ଲା ସଭାପତି ପ୍ରଶାନ୍ତ ବେହେରା, ଲକ୍ଷ୍ମୀଧର ଚାନ୍ଦ, ଲକ୍ଷ୍ମୀଧର ସୁର, ଲୋକନାଥ ବେହେରା, ବିପିନ ବିହାରୀ ସାହୁ, ଝିଲ୍ଲୀରାଣି ଦାସ, ଶାନ୍ତି ବରାଳ, ଛାୟାରାଣୀ ରାଉତ, ବାବୁ ମଲ୍ଲିକ, ଚଞ୍ଚଳା ମଲ୍ଲିକ, କାଳନ୍ଦୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।



# କଳିଙ୍ଗ ଷ୍ଟାଡିୟମ୍‌ରେ ଓ୍ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଓ୍ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତା। ଭାରତରେ ପ୍ରଥମ ଥର ପାଇଁ ଓ୍ୱାର୍ଲଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାର ଆୟୋଜନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ କରାଯାଉଛି। ଏହି ଏକଦିବସୀୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଆଥଲେଟିକ୍ସ ଫେଡ଼େରେସନ ଅଫ୍ ଇଣ୍ଡିଆ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ କରାଯାଉଛି। ପ୍ରତିଯୋଗିତାରେ ୧୯ଟି ଇଭେଣ୍ଟ ଅନୁଷ୍ଠିତ ହେଉଛି। ପ୍ରାୟ ୧୭ଟି ଦେଶରୁ ୧୬୦ଜଣ କ୍ରୀଡ଼ାବିତ୍ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଭାରତରୁ ୯୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ଅନିମେଶ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାନ ସାହୁ ଓ୍ୱାର୍ଲଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।















## ଏସିଆନ ସର୍ଫିଙ୍ଗ ଚାମ୍ପିୟନସିପ୍ : ଫାଇନାଲରେ ଭାରତର ରମେଶ ବୁଦ୍ଧିଆଲ

**ଚେନ୍ନାଇ**

ରମେଶ ବୁଦ୍ଧିଆଲ ପ୍ରଥମ ଭାରତୀୟ ଭାବେ ଚେନ୍ନାଇରେ ଚାଲିଥିବା ଏସିଆନ ସର୍ଫିଙ୍ଗ ଚାମ୍ପିୟନସିପ୍‌ର ଓପନ୍ ପୁରୁଷ ବିଭାଗରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରମେଶ ପ୍ରଥମେ କ୍ୱାର୍ଟରଫାଇନାଲ ହିଟ୍‌ରେ ଫିଲିପାଇନ୍ସର ନିଲ୍ ସାଞ୍ଚେସ (୧୨.୮୦ ପଏଣ୍ଟ)ଙ୍କୁ ପଛରେ ପକାଇ ୧୪.୮୪ ପଏଣ୍ଟ ସ୍କୋର ସହ ହିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେମିଫାଇନାଲରେ ମଧ ରମେଶଙ୍କ ପ୍ରଦର୍ଶନ ଭଲ ରହିଥିଲା। ସେ ୧୧.୪୩ ପଏଣ୍ଟ ସ୍କୋର କରିବା ସହ ଇଣ୍ଡୋନେସିଆର ପାଜାର ଆରିୟାନା (୧୩.୮୩)ଙ୍କ ପଛରେ ଦ୍ୱିତୀୟ ହୋଇଥିଲେ। ଭାରତର କିଶୋର କୁମାର ମଧ ସେମିଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେ ନିଜ ଦେଶର ରମେଶ, ଆରିୟାନା ଓ ଚାଇନାର ଶିଡ଼ଙ୍ଗ (୯.୧୦) ୮.୦୩ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଥିଲେ।

ତୃତୀୟ ଭାରତୀୟ ସର୍ଫର ଡି. ଶ୍ରୀକାନ୍ତ ମଧ ଲଢୁଆ ପ୍ରଦର୍ଶନ କରିଥିଲେ। ମାତ୍ର ସେ କୋରିଆର କାନାଓ ହିଜାଏ (୧୦.୯୪ ପଏଣ୍ଟ)ଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ୧୦.୯୦ ସ୍କୋର ସହ ସେ ହିଟ୍‌ରୁ ବିଦାୟ ନେଇଥିଲେ। ୧୮ବର୍ଷରୁ କମ୍ ବିଭାଗରେ ହରିଶ ପି. ଓ ଆଦ୍ୟ ସିଂଙ୍କ ପ୍ରସ୍ଥାନ ପରେ ଭାରତୀୟ ଅଭିଯାନ ଶେଷ ହୋଇଥିଲା। ବାଳିକା ବିଭାଗରେ ଦମୟନ୍ତୀ ଶ୍ରୀରାମ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି।

### ଜିଲ୍ଲା ସ୍ତରୀୟ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା

# କରଡ଼ାପଲ୍ଲି ଫୁଟବଲ ଓ ପଙ୍କାଳ ଭଲିବଲ ଚାମ୍ପିଅନ

**ଟିଗିରିଆ/କଟକ, ନ୍ୟୁଜ୍‌ବ୍ୟୁରୋ**



ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲୁ ରହିଛି, ଦୁଇ ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା। ଏହି ଇଜତେମାରେ ଧାର୍ମିକ ଓ କ୍ରୀଡ଼ାଗତ ପ୍ରତିଯୋଗିତା ଚାଲିଛି। ସକାଳ କାର୍ଯ୍ୟକ୍ରମ ଅନୁଯାୟୀ ମାରାଥନ ଦୌଡ଼, ୧୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଦୌଡ଼ିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା। ବ୍ୟକ୍ତିଗତ ଖେଳ ମାରାଥନ ଦୌଡ଼ରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡ଼ା ଗ୍ରାମର ହମିଦ ଅହମଦ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ କରଡାପଲ୍ଲି ଗ୍ରାମର ଜମାଲ ଖାନ୍ ଏବଂ ତୃତୀୟ ସ୍ଥାନ ପଙ୍କାଳ ଗ୍ରାମର ଜାଫର ଅହମଦ ଓସିମ ହୋଇଥିଲେ। ୧୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଗୁଣ୍ଡିଚାପଡ଼ା ଗ୍ରାମର ସେକ ଅତାଉଲ ଇସଲାମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନ ପଙ୍କାଳ ଗ୍ରାମର ସାଜିଦ ଖାନ୍ ଏବଂ ତୃତୀୟ ସ୍ଥାନ କରଡ଼ାପଲ୍ଲି ଗ୍ରାମର ସାହିଲ ଖାନ୍ ହୋଇଥିଲେ। ଲମ୍ବଡ଼ିଆଁରେ ପ୍ରଥମ ସ୍ଥାନ ପଙ୍କାଳ ଗ୍ରାମର ରମଜାନ ଖାନ୍ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଗୁଣ୍ଡିଚାପଡ଼ା ଗ୍ରାମର ହମିଦ ଅହମଦ ଏବଂ ତୃତୀୟ ସ୍ଥାନ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାନ୍ ଅଧିକାର କରିଥିଲେ। ସେହିଭଳି ଦଳଗତ ଖେଳ ମଧ୍ୟରେ ଦୌଡ଼ିଟଣା ଖେଳରେ ଛଅଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ପଙ୍କାଳ ଓ କରଡ଼ାପଲ୍ଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ କରଡ଼ାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡ଼ିଟଣାରେ ଚାମ୍ପିଅନ ହୋଇଥିଲା। ସେହିଭଳି ଭଲିବଲରେ ଆଠଗୋଟି ଦଳ ଭାଗ ନେଇଥିଲେ। ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି (ସୁଙ୍ଗୁଡ଼ା) ଗ୍ରାମ ମଧ୍ୟରେ ହୋଇଥିଲା। ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିଅନ ହୋଇଛି। ସେହିଭଳି ଫୁଟବଲ ଖେଳରେ ସାତଟି ଦଳ ୧. ପଙ୍କାଳ ୨. ଗୁଣ୍ଡିଚାପଡ଼ା ୩. ତାଳବରକୋଟ ୪. କୋଟପଲ୍ଲୀ ୫. କରଡ଼ାପଲ୍ଲି ୬. ମୁକ୍ତାଦେଇପୁର ଏବଂ ୭. ରେଷ୍ଟ ଅଫ୍ କଟକ ଭାଗ ନେଇଥିଲେ। ଏହି ଖେଳରେ ଗୁଣ୍ଡିଚାପଡ଼ା ଏବଂ କରଡ଼ାପଲ୍ଲି ଦଳ ଫାଇନାଲକୁ ଉନ୍ନିତ ହୋଇଥିଲେ। ଫାଇନାଲ ଖେଳ ଖୁବ୍ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ଖେଳର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ କେହି କାହାରିକୁ ଗୋଲ ମାରିପାରି ନଥିଲେ। ପରିଶେଷରେ ଲେଫେରି ଟ୍ରାଇବ୍ରେକରର ସହାଯ୍ୟ ନେଇଥିଲେ। ଟ୍ରାଇବେକର ୫-୪ ଗୋଲରେ କରଡ଼ାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିଅନ ହୋଇଥିଲେ। କ୍ରୀଡ଼ାଗତ ସମସ୍ତ ଖେଳକୁ ଇସମାଇଲ ଖାନ, ଲୋକମାନ ଖାନ, ମହମୁଦ ଖାନ, ବେଶାରତ ଖାନ, ସଲାତ ଖାନ, ମମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାନ ପରିଚାଳନା କରିଥିଲେ।

### ମେଟେଲ୍ ମିଟ୍‌ର ସପ୍ତମ ସଂସ୍କରଣ

# ଜୁନିୟରରେ ଡିଏଭି ୟୁନିଟ୍-୮, ସିନିୟରରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଦୈନିକ ଇଂଲିଶ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱସ୍ତିପ୍ରିମିୟମ ହୋଟେଲଠାରେ ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତା 'ମେଟଲ ମିଟ୍-୨୦୨୫' ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ୍ସ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ବର୍ଗରେ ଭୁବନେଶ୍ୱରସ୍ଥିତ ୟୁନିଟ-୮ ଡିଏଭି ପବ୍ଲିକ ସ୍କୁଲ ଟିମ୍ ଏବଂ ସିନିୟର ବର୍ଗରେ ଏମ୍ସ ଭୁବନେଶ୍ୱର ଚାମ୍ପିୟନ ହୋଇଛନ୍ତି। ଡିଏଭି ପବ୍ଲିକ ସ୍କୁଲ ୟୁନିଟ-୮ କ୍ରମାଗତ ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଥିବା ବେଳେ ଏମ୍ସ ଭୁବନେଶ୍ୱର ଲଗାତର ତୃତୀୟଥର ପାଇଁ ପ୍ରଥମ ସ୍ଥାନରେ ରହି ହାଟ୍ରିକ୍ ଅର୍ଜନ କରିଛି। ସେହିପରି ଜୁନିୟର ବର୍ଗରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଟିମ୍ ପ୍ରଥମ ରନରଅପ୍ ଓ ଲୋୟାଲା ଟିମ୍ ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଅନୁରୂପ ଭାବେ ସିନିୟର ବର୍ଗରେ ଆଇଆଇଟି ଖଡ଼ଗପୁର ପ୍ରଥମ ରନରଅପ୍ ଏବଂ ଆଇଆଇଏମ୍ କାଲ୍‌କାଟା ଦ୍ୱିତୀୟ ରନରଅପ୍ ହୋଇଛନ୍ତି। ଉଭୟ ବର୍ଗର ଚାମ୍ପିୟନଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଏବଂ ପ୍ରଥମ ରନରଅପମାନଙ୍କୁ ୫୦ହଜାର ଓ ଦ୍ୱିତୀୟ ରନରଅପ୍‌ମାନଙ୍କୁ ୨୫ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା କୁଇଜ୍ ପ୍ରତିଯୋଗିତାରେ ଏଥର ପ୍ରଥମ ଥର ପାଇଁ ରାଜ୍ୟ ବାହାରୁ ଅଂଶଗ୍ରହଣକାରୀ ସାମିଲ୍ ହୋଇଥିଲେ। ପ୍ରତିଯୋଗିତାରେ ଜୁନିୟର ଓ ସିନିୟରଙ୍କୁ ମିଶାଇ ମୋଟ୍ ୮୧ଟି ଟିମ୍ ଭାଗ ନେଇଥିଲେ। ଜୁନିୟରରେ ରାଜ୍ୟ ଭିତରୁ ୩୯ଟି ଟିମ୍ ସାମିଲ ହୋଇଥିବାବେଳେ ସିନିୟର ବର୍ଗରେ ରାଜ୍ୟ ଓ ରାଜ୍ୟ ବାହାରକୁ ମିଶାଇ ୪୨ଟି ଟିମ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଶନିବାର ଅନୁଷ୍ଠିତ ପ୍ରିଲିମ୍ସରେ ଉଭୟ ବର୍ଗରୁ ୮ଟି ଲେଖାଏଁ ଟିମ୍ ଗ୍ରାଣ୍ଡ ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ। ରବିବାର ପ୍ରଥମେ ଜୁନିୟର ବର୍ଗର ଗ୍ରାଣ୍ଡ ଫାଇନାଲ୍ସ ଆରମ୍ଭ ହୋଇଥିଲା। କୁଇଜ୍ ମାଷ୍ଟର ଅଜୟ ପୁନିଆ ୮ଟି ଦଳର ଅଂଶଗ୍ରହଣକାରୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପ୍ରଶ୍ନମାନ ପଚାରିଥିଲେ। ବିଜୟୀ ଦଳ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ରାଉଣ୍ଡରୁ ହିଁ ଅନ୍ୟ ପ୍ରତିଦ୍ୱନ୍ଦୀ ଦଳକୁ ପଛରେ ପକାଇ ଆଗରେ ରହିଥିଲା। ସିନିୟର ବର୍ଗରେ ପ୍ରଥମରୁ ହିଁ ଏମ୍ସ ଭୁବନେଶ୍ୱର ଅନ୍ୟ ପ୍ରତିଯୋଗୀ ଦଳକୁ ପଛରେ ପକାଇ ସ୍କୋର ବଢାଇ ଚାଲିଥିଲା। ପ୍ରଥମଥର ପାଇଁ ଆଇଆଇଟି ଖଡ଼ଗପୁର ଏବଂ ଆଇଆଇଏମ୍ କାଲ୍‌କାଟା ଅଂଶଗ୍ରହଣ କରି ରାଜ୍ୟ ବାହାରର ଦଳଭାବେ ବିଜୟ ଲାଭ କରି ମେଟେଲ୍ ମିଟ୍‌କୁ ଭିନ୍ନ ପରିଚୟ ଦେଇଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏହି କୁଇଜ୍ ପ୍ରତିଯୋଗିତା ପ୍ରଥମ ଥର ପାଇଁ ରାଜ୍ୟ ବାହାରକୁ ଯାଇଥିବାରୁ ସମସ୍ତ ପ୍ରତିଯୋଗୀଙ୍କୁ ସ୍ୱାଗତ କରିବା ସହ କୁଇଜ୍ ସଂସ୍କୃତିକୁ ପୁନରୁତ୍‌ଥାନ କରିବାରେ ଏହି ସଂସ୍କରଣ ବେଶ୍ ଉପାଦେୟ ହୋଇପାରିଥିବା କହିଛନ୍ତି। କାର୍ଯ୍ୟକ୍ରମକୁ ମାନସୀ ମିଶ୍ର ସଂଯୋଜନା କରିଥିଲେ।

# ବାରିପଦାରେ 'ଗଜ ବନ୍ଧୁ' ଅଭିଯାନ ଶୁଭାରମ୍ଭ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ହାତୀ ଓ ମଣିଷ ମଧ୍ୟରେ ବଢୁଥିବା ବିବାଦ ବର୍ତ୍ତମାନ ସମୟରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସରକାରୀ ସ୍ତରରେ ଲୋକଙ୍କ କ୍ଷୟ କ୍ଷତିର ଭରଣା ପାଇଁ ବ୍ୟବସ୍ଥା କରାଯାଉଛି। ହାତୀର ସଠିକ୍ ଉପସ୍ଥିତି, କ୍ଷୟ କ୍ଷତିର ସଠିକ୍ ମୂଲ୍ୟାୟନ, ହାତୀକୁ କ୍ଷତି ନ ପହଞ୍ଚାଇବା ଓ ହାତୀ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବାକୁ ନିଷ୍ପତ୍ତି ଗ୍ରହଣ କରା ଯାଇଥିଲା। ଗଜ ବନ୍ଧୁ ଅଭିଯାନ ହାତୀ ମଣିଷ ବିବାଦକୁ ହ୍ରାସ କରିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବ। ଏଥିରେ ଗ୍ରାମବାସୀ, ପଞ୍ଚାୟତର ପ୍ରତିନିଧି, ଯୁବକ ସଂଘ, ମହିଳା ଗୋଷ୍ଠୀ, ପୋଲିସ ପ୍ରଶାସନ, ବିଜୁଳି ବିଭାଗ, ସ୍କୁଲ ଓ କଲେଜ ପିଲାମାନଙ୍କୁ ସାମିଲ କରାଯିବ। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସରର ସଂକଳ୍ପ ସମ୍ମିଳନୀ କକ୍ଷରେ ଗଜ ବନ୍ଧୁ ଅଭିଯାନର ଶୁଭାରମ୍ଭ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ବନଖଣ୍ଡ ଅଧିକାରୀ ଉମା ମହେଶ, ବାରିପଦା ନଗର ପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା କରାଯାଇଥିଲା। ବୈଠକରେ ଉପସ୍ଥିତ ସାମ୍ବାଦିକ ବନ୍ଧୁମାନେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ ଯାହାକି କାର୍ଯ୍ୟକ୍ରମକୁ ଆହୁରି ମଜବୁତ କରିବାରେ ସହାୟକ ହେବ।

ପରିବେଶ ପ୍ରହରୀ ଓ ସ୍ପାର୍ଡା ଓ ବାରିପଦା ବନଖଣ୍ଡର ମିଳିତ ଆନୁକୂଲ୍ୟରେ ଏହି ଅଭିଯାନ ଆରମ୍ଭ କରାଯାଉଛି। ଉଭୟ ହାତୀ ଏବଂ ମଣିଷଙ୍କ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରେ ରଖିବା ଓ ହାତୀ ଓ ମଣିଷ ମଧ୍ୟରେ ସହାବସ୍ଥାନ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିବ।

# ସର୍ବାଧିକ ମା'କ୍ଷୀର ପ୍ରଦାନକାରୀ ୩ ମହିଳା ପୁରସ୍କୃତ

**କଟକ, ନ୍ୟୁଜ୍‌ବ୍ୟୁରୋ**




କଟକ ଏସସିବି ମେଡିକାଲ କଲେଜ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ତିନି ଜଣ ସର୍ବାଧିକ ମା'କ୍ଷୀର ପ୍ରଦାନ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଛି। ମା' କ୍ଷୀରର କୌଣସି ବିକଳ୍ପ ନାହିଁ। ଯେଉଁ ମା'ମାନେ ନିଜ ପିଲାମାନଙ୍କୁ କୌଣସି କାରଣରୁ ମା' କ୍ଷୀର ଦେବାରେ ଅସମର୍ଥ ହେଉଛନ୍ତି, ସେହି ପିଲାମାନଙ୍କୁ ମା' କ୍ଷୀରରୁ ବଞ୍ଚିତ ନ ରଖିବା ପାଇଁ ଏସସିବି ମେଡିକାଲ କଲେଜ ପରିସରରେ ରହିଛି ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର। ଏହି କେନ୍ଦ୍ରରେ ଯେଉଁ ମାଆମାନେ ନିଜର କ୍ଷୀର ଦାନ କରିବାକୁ ଚାହାନ୍ତି ସେମାନଙ୍କ କ୍ଷୀର ସଂଗ୍ରହ କରି ରଖାଯାଇଥାଏ ଏବଂ ଆବଶ୍ୟକ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଇଥାଏ। ବାହାରର ଡବା କ୍ଷୀର ଅପେକ୍ଷା ଏହି କ୍ଷୀର ବେଶ୍ ଲାଭଦାୟୀ। ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ମା'ମାନଙ୍କୁ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ୟାପକ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ଦାୟିତ୍ୱରେ ଥିବା ଶିଶୁ ରୋଗ ବିଭାଗ ପ୍ରଫେସର ଡକ୍ଟର ସ୍ୱରୂପା ପଣ୍ଡା, ଶିଶୁ ରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ଗୀତାଞ୍ଜଳୀ ସେଠୀ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ସସ୍ମିତା ସ୍ୱାଇଁ, ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ଶୁଭ୍ରା ଘୋଷ ପ୍ରମୁଖ ଯୋଗ ଦେଇ ସମସ୍ତେ ସମସ୍ତଙ୍କୁ ରକ୍ତ ଦାନ କରିପାରିବେ ନାହିଁ କିନ୍ତୁ ଯେ କୌଣସି ମାଆ ଚାହିଁଲେ ଯେ କୌଣସି ଶିଶୁକୁ ନିଜର କ୍ଷୀର ଦେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ମା' କ୍ଷୀର ଦାନ ମଧ ଏକ ମହତ ଦାନ। ମହିଳାମାନଙ୍କୁ ମା' କ୍ଷୀର ପ୍ରଦାନ କରିବା ନେଇ ପ୍ରୋତ୍ସାହିତ କରିବା ନିମନ୍ତେ ଏହି ଅବସରରେ ଚଳିତ ସପ୍ତାହରେ ସର୍ବାଧିକ ମା' କ୍ଷୀର ଦାନ କରିଥିବା ତିନି ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

## ମହମ୍ମଦ ସିରାଜଙ୍କୁ ରାକ୍ଷୀ ବାନ୍ଧିଲେ ଜନାଇ

**ନୂଆଦିଲ୍ଲୀ**



ପ୍ରସିଦ୍ଧ ଗାୟିକା ଆଶା ଭୋଁସଲେଙ୍କ ନାତୁଣୀ ଜନାଇ ଭୋଁସଲେ ଏବଂ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କ ମଧ୍ୟରେ ଡେଟିଂକୁ ନେଇ ଗୁଜବ ଉଠିଥିଲା। ଉଭୟଙ୍କୁ ଏକ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଥିଲା। ଏହା ପରେ ପ୍ରେମ ସମ୍ପର୍କର ଖବର ଜୋର ଧରିଥିଲା। ତଥାପି ଏହି ବର୍ଷ ଆରମ୍ଭରେ ଜନାଇ ଇନଷ୍ଟାଗ୍ରାମରେ ଏହି ଗୁଜବଗୁଡ଼ିକୁ ଖାରଜ କରିଥିଲେ। ସେ ଏହା ମଧ କହିଥିଲେ ଯେ ସିରାଜ ତାଙ୍କ ଭାଇ ପରି। ଏବେ ରକ୍ଷାବନ୍ଧନରେ, ସେ ସିରାଜଙ୍କୁ ରାକ୍ଷୀ ବାନ୍ଧିଛନ୍ତି ଏବଂ ଏହାର ଭିଡିଓ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଭିଡିଓରେ, ଜନାଇ ସିରାଜଙ୍କୁ ରାକ୍ଷୀ ବାନ୍ଧିଥିବାର ଦେଖାଯାଉଛି। ଇନଷ୍ଟାଗ୍ରାମ ପୋଷ୍ଟ ସହିତ କ୍ୟାପସନରେ ସେ ଲେଖିଛନ୍ତି, 'ଶୁଭ ରାକ୍ଷୀ। ଏହାଠାରୁ ଭଲ କିଛି ହୋଇପାରିନଥାନ୍ତା।' ଜନାଇ ଏକ ସୁନ୍ଦର ଗ୍ରୀନ କଲର ସାଲଓ୍ୱାର ସୁଟ ପିନ୍ଧିଛନ୍ତି। ସିରାଜ ବହୁତ ଖୁସି ଦେଖାଯାଉଛି। ସେ ଏକ କ୍ଲାସିକ ଧଳା କୁର୍ତ୍ତା-ପାଇଜାମା ପିନ୍ଧିଛନ୍ତି। ସିରାଜ ତାଙ୍କୁ ଶଗୁନର ଏକ ଲଫାପା ଦେଉଛନ୍ତି।

# ବରଗଡ଼ ଜିଲ୍ଲାର ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**




ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଆୟକର ଓ ଜିଏସ୍‌ଟି ବିଭାଗର ଆୟୁକ୍ତ-ସହ-ସଚିବ ଓ ବରଗଡ଼ ଜିଲ୍ଲା ପ୍ରଭାରୀ ସଚିବ ଯାମିନୀ ଷଡ଼ଙ୍ଗୀ ଦୁଇ ଦିନିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦି ଭ୍ରମଣ କରି ସମୀକ୍ଷା କରିବା ସହ ଓ ଅଧିକାରୀଙ୍କ କାର୍ଯ୍ୟ ତଦାରଖ କରିଛନ୍ତି।

ଗସ୍ତର ପ୍ରଥମ ଦିନରେ ଗୋଡ଼ଭଗା ଜନତା ଉଚ୍ଚ ବିଦ୍ୟାଳୟ ଓ ପିଏମଶ୍ରୀ ବିଦ୍ୟାଳୟକୁ ପରିଭ୍ରମଣ କରି ଶିକ୍ଷା ବ୍ୟବସ୍ଥା ଦେଖିବା ସହ ସରସରା ଗ୍ରାମ ସ୍ଥିତ ଧନଞ୍ଜୟ ମହାପାତ୍ରଙ୍କ ଇଣ୍ଟିଗ୍ରେଟେଡ୍ ଫାର୍ମିଂ ସିଷ୍ଟମ୍ ଓ ଗ୍ରିଣ୍ଡୋଲା, ବରପାଳିର ଏମଏସ ଲୋଣ୍ଡ୍ରିଡ଼ ଫୁଡସ ୟୁନିଟ ଯାଇ କୃଷି ଓ ଉଦ୍ୟମିତା କାର୍ଯ୍ୟର ତଦାରଖ କରିଥିଲେ। ଏହାପରେ ପଟ୍ଟଲଗାଁ-ଗ୍ରିଣ୍ଡୋଲା ଓ ତୁରୁଙ୍ଗା-ଗୋଇସର ଜିରା ନଦୀ ଉପର ରୁହିଥିବା ସେତୁ, ପାପଙ୍ଗା କେନାଲ-ଝାଫଟିକ୍ରା ରୋଡ୍, ବାଉଲସିଂହା ରୋଡ୍ ସ୍ଥିତ ମହୁଲପାଲି ଓ କୁଲୁଣ୍ଡା-ଆତାବିରାର ମେଗା ପାଇପ୍ ଜଳ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ।

ଗସ୍ତର ଦ୍ୱିତୀୟ ଦିନରେ ଭଟଲି ବ୍ଲକର ବାଉଲସିଂହାରେ ଚାତୁର ଚାଷ କେନ୍ଦ୍ର, ଖଳିଆପାଲି ଅଙ୍ଗନଓ୍ୱାଡ଼ି କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାତୃ ଓ ଶିଶୁ ଚିକିତ୍ସାଳୟ ଓ ଆହାର କେନ୍ଦ୍ର ଗସ୍ତ କରି ବିଭିନ୍ନ ବ୍ୟବସ୍ଥା ଯାଞ୍ଚ କରିବା ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଗ୍ରାମ୍ୟ ଉନ୍ନୟନ, ଆୟକର ଓ ଜିଏସ୍‌ଟି ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ।

# ସୁଭଦ୍ରା ଯୋଜନା ମହିଳାଙ୍କୁ ସ୍ୱାବଲମ୍ବୀ କରିଛି : ଉଦ୍ୟୋଗ ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ପାର୍କଲାଇନ ସ୍ଥିତ ପ୍ରେକ୍ଷାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳାଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିର ସୁଦୃଢ଼ୀକରଣ ନିମନ୍ତେ ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା ବାବଦରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ ଶ୍ରୀ ମହାପାତ୍ର ସୁଭଦ୍ରା ଯୋଜନା କେବଳ ଏକ ଆର୍ଥିକ ସହାୟତା ଯୋଜନା ନୁହେଁ ବରଂ ଏହା ମହିଳାମାନଙ୍କ ପାଇଁ ସ୍ୱାବଲମ୍ବନ ଏବଂ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ପାଇଁ ଏକ ମାଧ୍ୟମ ବୋଲି କହିଥିଲେ। ଏହାସହ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ଜୀବିକା କାର୍ଯ୍ୟକଳାପ ଆରମ୍ଭ କିମ୍ବା ବିସ୍ତାର କରିବା ପାଇଁ ସମୟୋଚିତ ସହାୟତା ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ଓ ସୁଭଦ୍ରା ଯୋଜନାର ସୁଫଳ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ କେନ୍ଦୁଝର ଜିଲ୍ଲା ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରଶାସନକୁ ମନ୍ତ୍ରୀ ସାଧୁବାଦ ଜଣାଇଥିଲେ। ମଞ୍ଚ ଉପରେ ନିଜ ସଫଳତା କାହାଣୀ ବଖାଣିଥିବ ସୁଭଦ୍ରା ହିତାଧିକାରୀଙ୍କ ଭୂୟସୀ ପ୍ରଶଂସା କରିବା ସହ ସଠିକ୍ ହାତରେ ସୁଯୋଗ ପହଞ୍ଚିବା ପରେ ଏହା ଜୀବନ ପରିବର୍ତ୍ତନକାରୀ ଶକ୍ତିରେ ରୂପାନ୍ତରିତ ହୋଇ ପାରିଛି ବୋଲି ଶ୍ରୀ ମହାପାତ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଧାୟକ ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ ପ୍ରମୁଖ ଯୋଗ ଦେଇ ଜିଲ୍ଲା ସାରା ମହିଳା ଏବଂ ପରିବାର ଉପରେ ଯୋଜନାର ପରିବର୍ତ୍ତନକାରୀ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ, ଉତ୍ସବର ଅଂଶ ସ୍ୱରୂପ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଭଦ୍ରା ଯୋଜନାର ଅନେକ ହିତାଧିକାରୀ ମଞ୍ଚ ଉପରେ ନିଜ ପ୍ରେରଣାଦାୟକ ସଫଳତା କାହାଣୀ ବାଣ୍ଟିଥିଲେ। ଏହି ଯୋଜନା କିପରି ସେମାନଙ୍କୁ ସେମାନଙ୍କର ଜୀବିକା ନିର୍ବାହ ଏବଂ ପରିବାର ପାଇଁ ଯୋଗଦାନ ଦେବାରେ ସଶକ୍ତ କରିଥିଲା ତାହା ବର୍ଣ୍ଣନା କରିଥିଲେ। କୋରାପୁଟରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, ଯାହା ଫଳରେ କେଉଁଝରର ଲୋକମାନେ ରାଜ୍ୟସ୍ତରୀୟ ଉତ୍ସବ ଏବଂ ଯୋଜନା ସହିତ ଜଡିତ ଘୋଷଣାଗୁଡ଼ିକୁ ଦେଖିପାରିଥିଲେ।

## ବଜ୍ରପାତ ସୁରକ୍ଷା ରଥର ଶୁଭାରମ୍ଭ

**କେନ୍ଦୁଝର, ନ୍ୟୁଜ୍**

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ବଜ୍ରପାତ ସୁରକ୍ଷା ରଥକୁ ଜିଲ୍ଲାପାଳ ବିଶାଳ ସିଂହ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ୪ଟି ପଞ୍ଚାୟତ ଯଥା ରାଇକଳା, ଶଗଡ଼ପଟା, ତୋରାଣିପୋଖରୀ ଏବଂ ଦଁରା ଅଞ୍ଚଳ ଯାଇ ଲୋକଙ୍କୁ ବଜ୍ରପାତଠାରୁ ସୁରକ୍ଷିତ ରହିବାପାଇଁ ବ୍ୟାପକ ଜ୍ଞାନ ବିତରଣ କରିବ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଡେପୁଟି କଲେକ୍ଟର ଆପତ୍ତକାଳୀନ ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଅଗଷ୍ଟ ୨୦୨୫ ସୋମବାର








ଭୁବନେଶ୍ୱର : କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ୱାଲ୍ଡ ଆଥେଲେଟିକ କଣ୍ଟିନେଣ୍ଟାଲ ଟୁର ବ୍ରୋଞ୍ଜ୍ ପ୍ରତିଯୋଗିତା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । (ଫଟୋ : ସମ୍ବାଦ କଳିକା)

# ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ୭୮ତମ ଜନ୍ମବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷାକୁ ଲୋକଙ୍କ ମଧ୍ୟରେ ପହଞ୍ଚାଇବାର ଗୁରୁ ଦାୟିତ୍ୱ ନେଇଥିଲା 'ପ୍ରଜାତନ୍ତ୍ର'। ତତ୍କାଳୀନ ଓଡ଼ିଆଙ୍କ ଭାବନାର କଥାକୁ ହୃଦୟଙ୍ଗମ କରି ଖବର ମାଧ୍ୟମରେ ପହଞ୍ଚାଇବା ପାଇଁ ଏହି ଖବରକାଗଜ କାର୍ଯ୍ୟ କରୁଥିଲା। ସ୍ୱଦେଶୀ ଚିନ୍ତା ଓ ଚେତନାକୁ ଜାଗ୍ରତ କରିବା, ବୁଦ୍ଧିଜୀବୀଙ୍କ ମଧ୍ୟରେ ସାମ୍ବାଦିକତାକୁ ଆଦୃତ କରିବାରେ 'ପ୍ରଜାତନ୍ତ୍ର' କାର୍ଯ୍ୟ କରୁଥିଲେ। ଓଡ଼ିଆ ଭାବେ ଆମେ ନିଜକୁ ଯେତେ ଗର୍ବ ଅନୁଭବ କରିବା କଥା, ତା'ଠାରୁ ଅଧିକ ଏହାର ଉନ୍ନତି ପାଇଁ ପ୍ରଚେଷ୍ଟା କରିବା ଆବଶ୍ୟକ। ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରିବା ଆମର ଲକ୍ଷ୍ୟ ହେବା ଉଚିତ ବୋଲି ବାଚସ୍ପତି ସୁରମା ପାଢ଼ୀ କହଛନ୍ତି । ଚାନ୍ଦିନୀଚୌକ ବିହାରୀବାଗସ୍ଥିତ ବିଷୁବ ମଣ୍ଡପରେ



ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର'ର ୭୮ତମ ଜନ୍ମବାର୍ଷିକୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଉପରୋକ୍ତ ମତ ଦେଇଥିଲେ। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମ ସମୟରେ ମହିଳା ସଶକ୍ତୀକରଣର ଯେଉଁ ଧ୍ୱଜା ଉଡ଼ିଥିଲା ସେଥିରେ 'ପ୍ରଜାତନ୍ତ୍ର'ର ପ୍ରତିଷ୍ଠାତା ଡ. ହରେକୃଷ୍ଣ ମହତାବଙ୍କ ପତ୍ନୀ ସୁଭଦ୍ରା ମହତାବଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ୭୫ରୁ ୧୦୦ ବର୍ଷ ଶତାୟୁ କାଳଖଣ୍ଡ ଯାହା ଅମୃତ କାଳ ଭାବରେ ଗ୍ରହଣ କରାଯାଏ, ଏହ ଅନୁଷ୍ଠାନ ଆଜି ସେହି ଅମୃତ ଲଗ୍ନରେ ପ୍ରବେଶ କରଛି ବୋଲି ଶ୍ରୀମତୀ ପାଢ଼ୀ ମତବ୍ୟକ୍ତ କରିଥିଲେ । ଝାଡ଼ଖଣ୍ଡ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି 'ଗାଁ ମଜଲିସ୍' କେବଳ ଆକର୍ଷଣ ବିଷୟବସ୍ତୁ ନଥିଲା, ବରଂ ତତ୍କାଳୀନ ସମାଜ ଓ ରାଜନୀତି ଦିଗବାରେଣୀ ଭଳି କାର୍ଯ୍ୟ କରୁଥିଲା ବୋଲି କହିଥିଲା। ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଦେଇ ଦେଶ ସ୍ୱାଧୀନତା ପୂର୍ବରୁ ସ୍ୱଦେଶୀ ଆନ୍ଦୋଳନ ଓ ସ୍ୱାବଲମ୍ବନର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବାରେ ପ୍ରଜାତନ୍ତ୍ର ମୁଖ୍ୟ ଭୂମିକା ନିର୍ବାହ କରଥିଲା ବୋଲି କହିଥିଲେ । ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଲୋକରଞ୍ଜନ ମହତାବ ମଞ୍ଚାସୀନ ଥିଲେ। ଏହ ଅବସରରେ ଡ. ହରେକୃଷ୍ଣ ମହତାବଙ୍କ ଆତ୍ମଜୀବନୀ 'ସାଧନାର ପଥେ'ର ଇଂରାଜୀ ଅନୁବାଦ ଏବଂ 'ଗାଁ ମଜ୍‌ଲିସ'ର ଦ୍ୱାଦଶ ଖଣ୍ଡକୁ ଅତଥିମାନେ ଉନ୍ମୋଚନ କରଥିଲେ । ବାର୍ତ୍ତା ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିର୍ମାଣ ହେବ...

ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି। ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଆମ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀମାନଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି । ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲ୍ଲା ମଧ୍ୟ ସାମିଲ ହୋଇଛି। ବର୍ତ୍ତମାନ ରାଜ୍ୟର ଜନସାଧାରଣଙ୍କ ସହିତ ଆମ କୋରାପୁଟବାସୀ ମଧ୍ୟ ଦେଶର ବଡ଼ ବଡ଼ ସହରରେ ଥିବା ପ୍ରାୟ ୨୯ ହଜାରରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି । ପ୍ରତି ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି । କୋରାପୁଟ ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏପର୍ଯ୍ୟନ୍ତ ୩ ଲକ୍ଷ ୫୪୭ ଟି କାର୍ଡ ବଣ୍ଟନ କରାଯାଇଛି । ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ୯ ହଜାର ୬ ଜଣ ହିତାଧିକାରୀ ମାନେ ଏପର୍ଯ୍ୟନ୍ତ ପଞ୍ଜିକୃତ ହୋଇଛନ୍ତି ।କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୪ଟି ବେସରକାରୀ ହସ୍ପିଟାଲ୍‌କୁ ଏବି ପିଏମଜେଏୱାଇ-ଜିଜେଏୱାଇ ଅନ୍ତର୍ଗତ ଅନୁମୋଦନ ମିଳିଛି, ଯେଉଁଠି ଲୋକେ କ୍ୟାସଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି । ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାତ୍ର ଏକ ବର୍ଷର ସରକାରରେ ଅନେକ କିଛି କାର୍ଯ୍ୟ ହୋଇଛି ସବୁ କ୍ଷେତ୍ରରେ । ଏହି କାର୍ଯ୍ୟ ଆହୁରି ଅଧିକ ଗତିରେ ତ୍ୱରାନ୍ୱିତ ହେବ । ଆମ ସରକାର ହେଉଛି ଲୋକଙ୍କ ସରକାର । ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଗଠନ ସହ ୨୦୪୭ ମସିହା ବେଳକୁ ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବା ପାଇଁ ଆମ ସରକାର ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିଳ୍ପ, ନୂଆ ରୋଜଗାର ସୁବିଧା ସୃଷ୍ଟି, ନିରନ୍ତର ଆର୍ଥିକ ବିକାଶ ଆଦି କ୍ଷେତ୍ରରେ ସାରା ଓଡ଼ିଶାରେ ନୂଆ ଯୁଗର ଆରମ୍ଭ ହୋଇଛି । ଏ ସବୁଥିରେ କୋରାପୁଟ ଜିଲ୍ଲାକୁ ସାମିଲ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି । ଏହି ଶୁଭ ଅବସରରେ ୨୮୦ କୋଟି ଟଙ୍କା ବ୍ୟୟରେ ୬୫୦ ଶଯ୍ୟା ବିଶିଷ୍ଟ ନୂଆ ହସ୍ପିଟାଲ ଉଦ୍‌ଘାଟନ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ପାଇଁ ଏକ ଅନନ୍ୟ ପ୍ରାରମ୍ଭ। ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ର, ସରକାରୀ ଡାକ୍ତରଖାନା, ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ ଆଦିରେ ନୂଆ ଭିତ୍ତିଭୂମି ସହ ରୋଗୀ-କୈନ୍ଦ୍ରିକ ସେବା ବ୍ୟବସ୍ଥା ସୃଷ୍ଟି କରାଯାଉଛି । ହସ୍ପିଟାଲଗୁଡ଼ିକର ନବୀକରଣ କରାଯାଉଛି । ଏ ସବୁ ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ। ଏହି ପଦକ୍ଷେପ ଫଳରେ ରାଜ୍ୟର ସବୁ ଅଞ୍ଚଳର ବିକାଶ ସନ୍ତୁଳିତ ଭାବେ ହୋଇ ପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମାରୋହରେ ଅନୁଷ୍ଠାନିକ ସ୍ୱାଗତ ଭାଷଣ କୋରାପୁଟ ବିଧାୟକ ରଘୁରାମ ମାଛ ଦେଇଥିବା ବେଳେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୨,୮୦୦ କୋଟିର...

ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ସେ ଉଲ୍ଲେଖ କରିଥିଲେ ଯେ , ସାମ୍ପ୍ରତିକ ବର୍ଷ ଗୁଡ଼ିକରେ, ଭାରତ ସରକାର ବେଙ୍ଗାଲୁରୁ ପାଇଁ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛନ୍ତି ଏବଂ ଆଜି ଏହି ଅଭିଯାନ ନୂତନ ଗତି ହାସଲ କରୁଛି। ଶ୍ରୀ ମୋଦୀ ବାଙ୍ଗାଲୋର ମେଟ୍ରୋ ୟେଲୋ ଲାଇନର ଉଦ୍‌ଘାଟନ କରିଥିଲେ ଏବଂ ମେଟ୍ରୋ ପର୍ଯ୍ୟାୟ - ୩ ପାଇଁ ଶିଳାନ୍ୟାସ କରିଥିଲେ। ସେ ଦେଶର ବିଭିନ୍ନ ଅଂଶକୁ ସଂଯୋଗ କରୁଥିବା ତିନୋଟି ନୂତନ ବନ୍ଦେ ଭାରତ ଟ୍ରେନକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ , ବେଙ୍ଗାଲୁରୁ ଏବଂ ବେଲଗାଭି ମଧ୍ୟରେ ବନ୍ଦେ ଭାରତ ସେବା ଆରମ୍ଭ ହେବା ଦ୍ୱାରା ବେଲଗାଭିରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ବୃଦ୍ଧି ପାଇବ। ଏହା ସହିତ ନାଗପୁର ଏବଂ ପୁନେ ମଧ୍ୟରେ ଏବଂ ଶ୍ରୀମାତା ବୈଷ୍ଣୋଦେବୀ କଟରା ଏବଂ ଅମୃତସର ମଧ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଆରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଏହି ସେବାଗୁଡ଼ିକ ଲକ୍ଷ ଲକ୍ଷ ଭକ୍ତଙ୍କୁ ଲାଭ ପହଞ୍ଚାଇବ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ସେ ବେଙ୍ଗାଲୁରୁ, କର୍ଣ୍ଣାଟକ ଏବଂ ସମଗ୍ର ଦେଶର ଲୋକମାନଙ୍କୁ ଏହି ପ୍ରକଳ୍ପ ଏବଂ ନୂତନ ବନ୍ଦେ ଭାରତ ଟ୍ରେନ ପାଇଁ ଅଭିନନ୍ଦନ ଜଣାଇଥିଲେ।

## ସମୁଦ୍ରରେ...

କରାଯାଇଥିଲା। ଗୁରୁତରମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଜଣଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମଧ୍ୟ ଗୁରୁତରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି।

## ଆତଙ୍କବାଦୀଙ୍କୁ ...

ସେମାନଙ୍କ କାର୍ଯ୍ୟ ଦେଖି ସେମାନଙ୍କୁ ନିପାତ କରିବୁ।'

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ କିଛି ଲୋକ ଭାରତର ଦ୍ରୁତ ବିକାଶରେ ଖୁସି ନୁହଁନ୍ତି। ସେମାନଙ୍କୁ ଏହା ପସନ୍ଦ ନୁହେଁ। 'ଆମେ ସମସ୍ତଙ୍କର ବସ୍', ଭାରତ ଏତେ ଦ୍ରୁତ ଗତିରେ କିପରି ପ୍ରଗତି କରୁଛି ? ସେ ଅଭିଯୋଗ କରିଛନ୍ତି ଯେ କିଛି ଦେଶ ଭାରତରେ ତିଆରି ଜିନିଷଗୁଡ଼ିକୁ ମହଙ୍ଗା କରିବାକୁ ଚେଷ୍ଟା କରୁଛନ୍ତି ଯାହା ଦ୍ୱାରା ବିଶ୍ୱ ସେଗୁଡ଼ିକୁ କିଣିବ ନାହିଁ, କିନ୍ତୁ ଭାରତ ଏତେ ଦ୍ରୁତ ଗତିରେ ପ୍ରଗତି କରୁଛି ଯେ ଏବେ ବିଶ୍ୱର କୌଣସି ଶକ୍ତି ଏହାକୁ ଏକ ବଡ଼ ଶକ୍ତି ହେବାରୁ ରୋକି ପାରିବେ ନାହିଁ।

## ମାନୁନାହାନ୍ତି କଟକଣା...

ଲୋକଙ୍କ ନିକଟରେ ମହାପ୍ରସାଦ ପହଞ୍ଚାଇ ପାରିବେ ନାହିଁ । ସେହିପରି ଅନଲାଇନ ମାଧ୍ୟମରେ ଭକ୍ତଙ୍କୁ ଠକେଇ କରାଯିବାର ଆଶଙ୍କା ମଧ୍ୟ ରହିଛି । ଶ୍ରୀମନ୍ଦିର ମହାପ୍ରସାଦ ନାଁରେ ଅନ୍ୟ କୌଣସି ସ୍ଥାନରେ ବିଭିନ୍ନ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ମହାପ୍ରସାଦ ନାଁରେ ଲୋକମାନେ ଠକାମିର ଶିକାର ହେବା ମଧ୍ୟ ଆଶଙ୍କା ରହିଛି । ମହାପ୍ରସାଦର ପ୍ରକୃତ ମୂଲ୍ୟ ଠାରୁ ଚଢ଼ାଦରରେ ଅନଲାଇନରେ ବିକ୍ରି କରାଯାଇ ଭକ୍ତଙ୍କୁ ଶୋଷଣ କରାଯିବାର ସମ୍ଭାବନା ରହିଥିବାରୁ ଅନଲାଇନରେ ମହାପ୍ରସାଦ ବିକ୍ରି ଆଦୌ ଗ୍ରହଣୀୟ ନୁହେଁ ବୋଲି ସେବାୟତ ମତ ରଖିଛନ୍ତି । ଶ୍ରୀମନ୍ଦିର ମହାପ୍ରସାଦକୁ ଅନଲାଇନରେ ତୁରନ୍ତ ବିକ୍ରି ବନ୍ଦ କରାଯିବା ପାଇଁ ଦାବି କରିଛନ୍ତି ସେବାୟତ । ଏପରିକି ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ କରାଯାଇ ମହାପ୍ରସାଦକୁ ଅନଲାଇନରେ ବିକ୍ରି କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ରହିବା ଉଚିତ ବୋଲି ମତପ୍ରକାଶ ପାଇଛି ।

## ଶ୍ରୀମନ୍ଦିରରୁ ୧୨...

ପଠାଇ ଦିଆଯାଇଛି ।

ସୂଚନା ଅନୁଯାୟୀ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଆସିଥାନ୍ତି । ଶ୍ରୀମନ୍ଦିରର ସଂସ୍କୃତି ଓ ପରମ୍ପରା ବିଷୟରେ ସେବାୟତ ଓ ସେମାନଙ୍କର ଗୁମାସ୍ତା ମାନେ ଯାତ୍ରୀମାନଙ୍କୁ ଟିକିନିଖି ତଥ୍ୟ ପ୍ରଦାନ କରିଥାନ୍ତି । କିନ୍ତୁ କିଛି ନକଲି ଗୁମାସ୍ତା ଓ ଅଣ ସେବାୟତଙ୍କ ଯୋଗୁ ଯାତ୍ରୀମାନେ ଠକାମୀ ସହ ଦୁର୍ବ୍ୟବହାରର ଶିକାର ମଧ୍ୟ ହୋଇଥାନ୍ତି । ଏନେଇ ଅନେକ ଥର ଥାନାରେ ଅଭିଯୋଗ ହେବା ପରେ ଏବେ ଆକ୍ସନ ମୋଡ଼କୁ ଆସିଛି ପୁରୀ ପୋଲିସ । ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ସହିତ ସୁବିଧାରେ ଦର୍ଶନ ଏବଂ ଠକାମୀର ଯେଭଳି ଶିକାର ନହେବେ ସେ ଦିଗରେ ପୋଲିସ ବିଶେଷ ଦୃଷ୍ଟି ଦେଇଛି । ଗିରଫ ହୋଇଥିବା ନକଲି ଗୁମାସ୍ତାଙ୍କ ପାଖରେ କୌଣସି ପରିଚୟ ପତ୍ର ନଥିବାବେଳେ ବେଆଇନ ଭାବେ ଏମାନେ ଗୁମାସ୍ତା କାର୍ଯ୍ୟ କରୁଥିଲେ ବୋଲି ପୋଲିସ କହିଛି । ଆଗକୁ ମଧ୍ୟ ଏହି ଧରପଗଡ ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ...

ଆଉ କାହାକୁ ତଦନ୍ତ ପରିସରକୁ ଅଣାଯାଇନାହିଁ। ଅଭିଯୁକ୍ତ ପ୍ରମୋଦଙ୍କ ନାଁରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫା ଲାଗିଛି। ଏହା ଆତ୍ମହତ୍ୟା ନା ହତ୍ୟା, ତାହା ଏସ୍‌ଏଫ୍‌ଏସ୍‌ଏଲ୍, ଏଫ୍‌ଏନଟି, ପୋଷ୍ଟମର୍ଟମ ରିପୋର୍ଟ ଆସିଲା ପରେ ସବୁ ସ୍ପଷ୍ଟ ହେବ। ସିସିଟିଭି ଫୁଟେଜ୍‌ରେ ପୀଡ଼ିତାଙ୍କ ବାପା, ମା'ଙ୍କ ଯିବା ଆସିବା ଦୃଶ୍ୟ ମିଳିଛି ।ଅଭିଯୁକ୍ତ ପ୍ରମୋଦଙ୍କ ବାପାଙ୍କ ଏତଲା ନେଇ ମଧ୍ୟ ତଦନ୍ତ କରାଯିବ। ମୃତ ଛାତ୍ରୀଙ୍କ ବାପା ଘଟଣା ଘଟିବା ଦିନ କହିଥିଲେ ଯେ ତାଙ୍କ ଝିଅର ଜଣେ ଯୁବକଙ୍କ ସହିତ ସଂପର୍କ ଥିଲା। ପରେ ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିଲା। ବ୍ରେକ୍‌ଅପ୍ ପରେ ସେ ତାଙ୍କ ଝିଅର କିଛି ନଗ୍ନ ଫଟୋ ରଖି ବ୍ଲାକ୍‌ମେଲ୍ କରୁଥିଲେ। ଯୁବକଙ୍କ ଏଭଳି ନିର୍ଯାତନା ସହି ନପାରି ତାଙ୍କ ଝିଅ ଆତ୍ମହତ୍ୟା କରିଥିବା ସେ କହିଥିଲେ। ଘଟଣାର ୪ ଦିନ ପରେ ଅର୍ଥାତ୍ ଶନିବାର ମୃତ ଛାତ୍ରୀଙ୍କ ବାପା ଓ ଭାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୁକ୍ତ ପ୍ରମୋଦ ବେହେରାଙ୍କ ନାଁରେ ଏତଲା ଦେଇଥିଲେ। ପ୍ରମୋଦ ତାଙ୍କ ଝିଅର ଅଶ୍ଳୀଳ ଭିଡିଓ ଭାଇରାଲ କରିବା ସହିତ ମାନସିକ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ମୃତ ଛାତ୍ରୀଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି। ଥାନା ସମ୍ମୁଖରେ ଅଭିଯୁକ୍ତଙ୍କ ବାପାମା'ଙ୍କ ସହିତ ଶତାଧିକ ଲୋକ ଧାରଣାରେ ବସିଛନ୍ତି।

## ସିବିଏସଇର ବଡ଼...

ସମସ୍ତ ବିଷୟରେ ମୂଲ୍ୟାଙ୍କନ କାର୍ଯ୍ୟକାରୀ କରାଯାଇପାରିବ। ସିବିଏସଇ ଗଭର୍ଣ୍ଣିଂ ବଡି ମିଟିଂ ଅନୁଯାୟୀ, ପୂର୍ବରୁ ମଧ୍ୟ, ଉତ୍ତର ପତ୍ରର ମୂଲ୍ୟାଙ୍କନ ସମୟ ହ୍ରାସ କରିବା ଏବଂ ମୂଲ୍ୟାଙ୍କନରେ ଅଧିକ ସଠିକତା ଆଣିବା ଉଦ୍ଦେଶ୍ୟରେ, ସିବିଏସଇ ୨୦୧୪ ମସିହାରେ ଏହାର କିଛି ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଦଶମ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରିଥିଲା ଏବଂ ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୫ ମସିହାରେ, ଦିଲ୍ଲୀରେ ଦ୍ୱାଦଶ ବୋର୍ଡ ପରୀକ୍ଷାର କିଛି ବିଷୟ ପାଇଁ ଡିଜିଟାଲ୍ ମୂଲ୍ୟାୟନ କାର୍ଯ୍ୟକାରୀ କରାଯାଇଥିଲା। ସିବିଏସଇ ନିଷ୍ପତ୍ତି ନେଇଛି ଯେ, ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନ ପାଇଁ, ଏପରି ଏଜେନ୍ସିଗୁଡ଼ିକୁ ଚୟନ କରାଯିବ ଯାହାଙ୍କ ପାଖରେ ସ୍କୁଲ ବୋର୍ଡ, ବିଶ୍ୱବିଦ୍ୟାଳୟ କିମ୍ବା କେନ୍ଦ୍ର/ରାଜ୍ୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ପରୀକ୍ଷା ସଂସ୍ଥା ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତ୍ତର ପତ୍ରର ଡିଜିଟାଲ୍ ମୂଲ୍ୟାଙ୍କନର ଭଲ ଅଭିଜ୍ଞତା ରହିଥିବ। ଯେହେତୁ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାର ଉତ୍ତର ପତ୍ର ଯାଞ୍ଚ ଏକ ଗୋପନୀୟ ପ୍ରକ୍ରିୟା, ତେଣୁ ଉତ୍ତର ପତ୍ର ଯାଞ୍ଚ ଦାୟିତ୍ୱପୂର୍ଣ୍ଣ ଭାବରେ ଏବଂ କୌଣସି ପ୍ରକାରର ହେରଫେର ବିନା କରାଯିବା ଆବଶ୍ୟକ।

## ୧୨ ରୁ ୧୪ ତାରିଖ ...

ଅଧିକ ପ୍ରଭାବ ପକାଇବ। ଏହା ଫଳରେ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପାଣିପାଗ ବିଭାଗ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ମଧ୍ୟ ପରାମର୍ଶ ଦେଇଛି। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଓ ଜଳମଗ୍ନ ସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ପାଣିପାଗ ସୂଚନା ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

## ଧିମେଇଲା...

ଧାରାର ପ୍ରବାହ ଓ ପୃଥିବୀର ଭିତରେ ହେଉଥିବା ଗତିବିଧି ଏହି ଗତିକୁ ପ୍ରଭାବିତ କରିଥାଏ। ଏହା ଛଡା ଚନ୍ଦ୍ରଙ୍କ ଜୁଆର ଆକର୍ଷଣ ପୃଥିବୀର ଘୂର୍ଣ୍ଣନକୁ ଧିମେଇଥାଏ। ବୈଜ୍ଞାନିକଙ୍କ ଅନୁସାରେ ଏହି ଦିନ ଅର୍ଥାତ ଅଗଷ୍ଟ ୫ ତାରିଖରେ ଦକ୍ଷିଣ ଗୋଲାର୍ଦ୍ଧରେ ବାୟୁମଣ୍ଡଳୀୟ ପରିସ୍ଥିତି ଅସାଧାରଣ ଥିଲା। କିଛି କ୍ଷେତ୍ରରେ ପ୍ରବଳ ପବନ ପୃଥିବୀ ପୃଷ୍ଠରେ ଏପରି ପ୍ରଭାବ ପକାଏ ଯେପରି ଦିନକୁ ଏକ ଛୋଟ ବିରତୀ ମିଳିଛି। ଏହି କାରଣରୁ ପୃଥିବୀର ଘୂର୍ଣ୍ଣନ ବେଗରେ ୧.୪୫ ମିଲିସେକେଣ୍ଡ ବୃଦ୍ଧି ହୋଇଛି।

# ଅବୈଧ ମଦ କାରବାର ବିରୁଦ୍ଧରେ କେନ୍ଦୁଝର ପୋଲିସର କଡା କାର୍ଯ୍ୟାନୁଷ୍ଠାନ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଗତ ସପ୍ତାହରେ, କେନ୍ଦୁଝର ପୋଲିସ ଅବୈଧ ମଦ କାର୍ଯ୍ୟକଳାପ ବିରୁଦ୍ଧରେ ସେମାନଙ୍କର ଅଭିଯାନକୁ ତୀବ୍ର କରିଛି। ବିଭିନ୍ନ ସ୍ଥାନରେ ଚୋରା ମଦ ବେପାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୫୦୨ ଲିଟର ଆଇଡି ମଦ ଏବଂ ୨୬୩ ଲିଟର ବିଦେଶୀ ମଦ ଜବତ କରିଛି। ଏହା ସହିତ, ପୋଲିସର ଏକ ଦଳ ଦେଶୀ ମଦ ତିଆରିରେ ବ୍ୟବହୃତ ପୋତା ହୋଇଥିବା ପ୍ରାୟ ୩୩.୮ ଟନ୍ ମହୁଲ ପୋଚ ନଷ୍ଟ କରିଛି।

ଏହି ଚୋରା ମଦ ବେପାର କାରବାର ସହିତ କେନ୍ଦୁଝର ଜିଲ୍ଲାର ବିଭିନ୍ନ ପୋଲିସ ଷ୍ଟେସନରେ ମୋଟ ୧୩୦ ଟି ମାମଲା ରୁଜୁ ହୋଇ ସାରିଛି ବୋଲି କେନ୍ଦୁଝର ଜିଲା ଆରକ୍ଷୀ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଅବୈଧ ମଦ କାରବାରକୁ ରୋକିବା ଏବଂ ଜନସ୍ୱାସ୍ଥ୍ୟ ସମସ୍ୟାକୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ପୋଲିସର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। କେନ୍ଦୁଝର ବୁଦ୍ଧିଜୀବୀ ମହଲରେ କେନ୍ଦୁଝର ପୋଲିସର ଏତାଦୃଶ କାର୍ଯ୍ୟକୁ ନେଇ ପ୍ରସଂଶା ସାଉଁଟିଛି।



# ନର୍ସିଂ ଛାତ୍ରୀ ମୃତ୍ୟୁ ଘଟଣାରେ ଆଜି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ବିଜେଡିର ୧୨ ଘଣ୍ଟିଆ ହରତାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଇଘର ଡୁମରିମୁଣ୍ଡା ନର୍ସିଂ ଛାତ୍ରୀର ମୃତ୍ୟୁକୁ ତୀବ୍ର ନିନ୍ଦା କରୁଛି ବିଜୁ ଜନତା ଦଳ । ଏହି ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ପ୍ରତିଦିନ ନାରୀ ନିର୍ଯାତନା ଘଟଣା ଉଦବେଗଜନକ ଭାବେ ବୃଦ୍ଧି ପାଉଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବି କରୁଛି ବିଜେଡି । ଏହା ସହିତ ରାଇଘର ନର୍ସିଂ ପୀଡ଼ିତାକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ବିଜୁ ଜନତା ଦଳ ଦାବି କରୁଛି । ଯେତେଦିନ ପର୍ଯ୍ୟନ୍ତ ଏହି ରାଜ୍ୟରେ ନାରୀ, ଛାତ୍ରୀ, ନାବାଳିକା ସୁରକ୍ଷିତ ହେବେ ନାହିଁ, ବିଜେଡି ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସାରା ରାଜ୍ୟରେ ଆନେ୍ଦାଳନକୁ ବ୍ୟାପକ କରିବ ।ରାଇଘର ବ୍ଲକବାସୀଙ୍କୁ ନବରଙ୍ଗପୁର ବିଜେଡି ତରଫରୁ ଅନୁରୋଧ କରାଯାଉଛି କି ଆସନ୍ତାକାଲି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳକୁ ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ। ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ଯାନବାହନ ଚଳାଚଳ, ସ୍କୁଲ୍, କଲେଜ୍କୁ ୧୨ ଘଣ୍ଟିଆ ହରତାଳରେ ସାମିଲ ହେବାକୁ ଅନୁରୋଧ କରାଯାଉଛି । ଏହି ହରତାଳ ସମୟରେ ଜରୁରୀକାଳୀନ ସେବା ବ୍ୟାହତ ହେବ ନାହିଁ ବୋଲି ନବରଙ୍ଗପୁର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

# ୧୦୦କେଜି ଗଞ୍ଜେଇ ଜବତ , ଦୁଇ ଗିରଫ

**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ଗଞ୍ଜେଇ ବେପାରୀଙ୍କୁ କାବୁ କରିଛି ସଇଁତଲା ପୁଲିସ । ଏକ ଚାରି ଚକିଆ ଗାଡି ଡିକି ଭିତରେ ଏକ ରୋଲ ବ୍ୟାଗରେ ଗଞ୍ଜେଇ ଚାଲାଣ କରୁଥିଲେ । ଗଞ୍ଜେଇ ଚୋରା ଚାଲାଣ ହେଉଥିବାର ଖବରପାଇ ସଇଁତଲା ପୁଲିସ ବାଟରେ ଛକି ବସିଥିଲା। ସୂଚନା ଅନୁସାରେ, ବଲାଙ୍ଗିର ଜିଲ୍ଲା ସଇଁତଲା ପୁଲିସ ଚାରି ଚକିଆ ଦୁଇଟି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇଥିଲା । ପରେ ବରଗାଁ-ମହଗାଁ ମଝିରେ ଥିବା ଲାଂଥ ନଦୀ ବ୍ରିଜ ନିକଟରେ ପାଟ୍ରୋଲିଂ କରୁଥିବାବେଳେ ଗୋଟିଏ ଗାଡିକୁ କାବୁ କରିଥିଲା । ଅନ୍ୟ ଗାଡିଟି ପୋଲିସକୁ ଦେଖିବା ପରେ ଫେରାର ମାରିବାକୁ ଚେଷ୍ଟା କରୁଥିଲା କିନ୍ତୁ ଫେଲ ମାରିବା ପରେ ଦୁଇଟି ଗାଡିକୁ ଜବତ କରିବାରେ ସଫଳ ହୋଇଛି ପୋଲିସ। ଥାନାକୁ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଆଣି ପଚରାଉଚରା କରିବା ପରେ ବୌଦ୍ଧରୁ ଟିଟିଲାଗଡ଼ ଦେଇ ରାୟପୁରକୁ ଗଞ୍ଜେଇ ଚାଲାଣ କରିବା ପାଇଁ ବ୍ୟବସ୍ଥା କରାଯାଉଥିଲା। ହେଲେ ପୋଲିସ ହାତରେ ଦୁଇ ଗଞ୍ଜେଇ ବେପାରୀ, ୧୦୦କେଜି ୨୩୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲାର ସଂଜୀବ ମିଶ୍ର ଓ ବୌଦ୍ଧର ଦେବନ୍ତ କର୍ଣ୍ଣ ବୋଲି ଜଣାପଡିଛି । ଦୁଇଟି ଚାରି ଚକିଆ ଗାଡି, ୧୫ହଜାର ଟଙ୍କା ଓ ଦୁଇଟି ମୋବାଇଲ ଜବତ ହୋଇଛି । ଦୁଇ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବା ସହ ସମସ୍ତ ତଥ୍ୟ ସାମ୍ବାଦିକ ସମ୍ମିଳନୀରେ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ ସୂଚନା ଦେବେ ବୋଲି ଜଣାପଡିଛି ।



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-072025-DD

**କାର୍ଯ୍ୟର ନାମ :** "ଅନୁଗୁଳ(ANGL), ତାଳଚେର (TLHD) ରୋଡ଼, ବୁଢ଼ାପଙ୍କ(BDPK), ମେରାମଣ୍ଡଳୀ (MRDL), ହିନ୍ଦୋଳ(HND) ରୋଡ଼ଠାରେ MEDHA ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI) ସହିତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଅନୁଗୁଳ-ହିନ୍ଦୋଳ ସେକ୍ସନରେ 130 KMPH ପର୍ଯ୍ୟନ୍ତ ସେକ୍ସନାଲ ଗତି ବଢ଼ାଇବା ନିମନ୍ତେ ଡବଲ ଡିଷ୍ଟାଣ୍ଟ ସିଗ୍ନାଲ(Double Distant Signal) ବ୍ୟବସ୍ଥା ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 8,23,88,313.33, EMD (₹) : 5,62,000.00, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଇ-ଟେଣ୍ଡର ନଥିପତ୍ର ସହିତ ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (ପ୍ରକଳ୍ପ), ଭୁବନେଶ୍ୱର

PR-75/CI/25-26

# ଆଜି ଠାରୁ ସାମୁହିକ ଛୁଟିରେ ଯିବେ ରାଜସ୍ୱ ଅମଲା ସଂଘ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

କାଲିଠୁଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ ଅମଲାମାନେ ସାମୁହିକ ଛୁଟିରେ ରହି ତାଙ୍କର ବହୁ ପ୍ରତୀକ୍ଷିତ ୧୦ ଦଫା ଦାବିଗୁଡିକ ପୂରଣ ନିମିତ୍ତ ଜୋରଦାର ଆନ୍ଦୋଳନ କରିବେ ବୋଲି ଜିଲ୍ଲାର ଅଧ୍ୟକ୍ଷ ନୀଳାମ୍ବର ଶତପଥୀ, ଉପାଧ୍ୟକ୍ଷ ସହଦେବ ମେହେର ସଭାପତି ଜ୍ୟୋତିରଂଜନ ଦାନୀ, ସମ୍ପାଦକ ବନମାଳୀ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହାରୀ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ କୁଅଁର କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦୀପ, ମୁଖ୍ୟ ପରାମର୍ଶ ଦାତା ଶ୍ରୀଯୁକ୍ତ ଅଶୋକ ମିଶ୍ର, ସଞ୍ଜୀବ ବାବୁ କାର୍ଯ୍ୟକାରିଣୀ ସଭ୍ୟ ଶିବଦତ୍ତ ଦାଶ, ଦୁଃଖିଶ୍ୟାମ ସେଠୀ, ମଛିନ୍ଦ୍ର ସୁନା, ଦିନେଶ ମିଶ୍ର, ସୁରେଶ ଶର୍ମା, ଜୟଦ୍ରଥ ଜଗଦଲା, ଗୋବିନ୍ଦ ବଡେଇ, ସ୍ୱରୂପ ରଞ୍ଜନ ପୂଜାହାରି ଆକ୍ସନ କମିଟି ଅଧ୍ୟକ୍ଷ ସରୋଜ ପୁରୋହିତ, ବିରେନ୍ଦ୍ର ରଥ, ଶିବାନନ୍ଦ ବାଘ୍, ଚେତନ ପଣ୍ଡା, ଗିରିଧାରୀ ହୋତା, ଦୈତ୍ୟଦେବ ଭୋଇ, ସୂର୍ଯନାରାୟଣ ପୁରୋହିତ, ଦିଲ୍ଲୀପ ମେହେର ଇତ୍ୟାଦି ସମସ୍ତେ ଦୃଢତାର ସହ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଯେବେ ପର୍ଯ୍ୟନ୍ତ ସରକାର ଦାବିଗୁଡିକ ପୂରଣ କରି ନୋଟିଫିକେସନ ବାହାର କରିବେ ନାହିଁ, ସେ ସମୟ ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନ ସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦେଇ ଅଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରି କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ରାଜ୍ୟସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ, ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲାମାନଙ୍କ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବାର ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ,ଏ ଯାବତ୍ ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କର ପଦୋନ୍ନତିକୁ କୁଠାରଘାତ ସଦୃଶ ଏକ ନିର୍ଦ୍ଦେଶାନାମା ଜାରି କରିଅଛନ୍ତି। ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ଏପଟେ ତାଙ୍କର ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପ୍ରମୋଶନକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ କେତେକ ଅବସର ନେଇ ଗଲେଣି, ଅଥଚ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ତାଙ୍କୁ ବଞ୍ଚିତ କରାଯାଉ ଅଛି। ସେମାନେ କାର୍ଯ୍ୟ ଦକ୍ଷତାସମ୍ପନ୍ନ ଥାଇ ତୃଣମୂଳ ସ୍ତରରେ ସରକାରଙ୍କ ବ୍ୟାପକ ଯୋଜନା ଗୁଡିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି।

ଭୁବନେଶ୍ୱର
୧୧ ଅଗଷ୍ଟ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ହ୍ୱାଟ୍‌ସଆପ୍ ଓ କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ, ୧୦/୮ ନ୍ୟୁଜ ବ୍ୟୁରୋ**

ବେଆଇନ ଭାବେ ଆବେଦନକାରୀଙ୍କ ଫୋନ୍ ନମ୍ବରରେ ହ୍ୱାଟ୍‌ସଆପ୍ ଅଚଳ କରାଯାଇଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ନୋଟିସ୍ ଜାରି କରିଛନ୍ତି । ମାମଲାରେ ପ୍ରତିପକ୍ଷ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଇନ୍‌ଫରମେସନ୍ ଟେକ୍‌ନୋଲୋଜି ବିଭାଗ ସଚିବ ଓ ହାଇଦ୍ରାବାସ୍ଥିତ ହ୍ୱାଟ୍‌ସଆପ୍ ଅପ୍ଲିକେସନ୍ ସର୍ଭିସେସ୍‌କୁ ହାଇକୋର୍ଟ ନୋଟିସ୍ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ଇଂଜିନିୟର ଦେବାଶିଷ ହୋତାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ୨୦୨୫ ମେ' ୨୬ ସଂଧ୍ୟା ୫ଟାରେ ଶ୍ରୀ ହୋତାଙ୍କ ମୋବାଇଲ ଫୋନ୍ ନମ୍ବରରେ ହ୍ୱାଟ୍‌ସଆପ୍ ଅଚଳ ହୋଇ ଯାଇଥିଲା । ସେ ଏହାକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ହ୍ୱାଟ୍‌ସଆପ୍ କମ୍ପାନିକୁ ୫ଟା ୪୫ରେ



ଅନୁରୋଧ କରିଥିଲେ । ଏହାପରେ ତାଙ୍କୁ ଏକ ଫର୍ମ ପୂରଣ କରିବାକୁ କୁହାଯାଇଥିଲା । ଏହି ଫର୍ମରେ ଭାରତର କୋଡ୍ +୯୧ ବିକଳ୍ପ (ଅପସନ୍) ନଥିବା ଆବେଦନକାରୀ ଦେଖିବାକୁ ପାଇଥିଲେ । ଏହାପରେ ସେହିଦିନ ସଂଧ୍ୟା ୬ଟା ୩୬ରେ ସେ ଭାରତ ସରକାରଙ୍କ ନିକଟରେ ଏ ନେଇ ଅଭିଯୋଗ କରିଥିଲେ । ସଂଧ୍ୟା ୭ଟା ୨୬ରେ ଶ୍ରୀ ହୋତାଙ୍କ ହ୍ୱାଟ୍‌ସଆପ୍ ପୁନର୍ବାର କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଜୁଲାଇ ୨୧, ୨୦୨୫ରେ ପୁଣିଥରେ ତାଙ୍କ ଫୋନରେ ହ୍ୱାଟ୍‌ସଆପ୍ ଅଚଳ ହୋଇ ଯାଇଥିଲା । ସେହିଦିନ ସକାଳ ୮ଟା ୨୫ରେ ଶ୍ରୀ ହୋତା ଏ ନେଇ ଅଭିଯୋଗ କରିଥିଲେ । ପୂର୍ବଭଳି କମ୍ପାନି ତରଫରୁ ତାଙ୍କୁ ଏକ ଫର୍ମ ପୂରଣ କରିବାକୁ କୁହାଯାଇଥିଲା । ଏଥର ଫର୍ମରେ ଭାରତର କୋଡ୍ +୯୧ ଥିବା ସେ ଦେଖିବାକୁ ପାଇଥିଲେ ଓ ଏହାକୁ ପୂରଣ କରିଦେଇଥିଲେ । କିନ୍ତୁ ତାଙ୍କ ହ୍ୱାଟ୍‌ସଆପ୍ ପୁନଃକାର୍ଯ୍ୟକ୍ଷମ ହୋଇ ନଥିଲା । ଏ ନେଇ ଶ୍ରୀ ହୋତା କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ । କିନ୍ତୁ କେନ୍ଦ୍ର ସରକାର ହ୍ୱାଟ୍‌ସଆପ୍ କମ୍ପାନିକୁ କୌଣସି ନିର୍ଦ୍ଦେଶ ନ ଦେଇ ଏହି ଅଭିଯୋଗଟିକୁ ବନ୍ଦ କରି ଦେଇଥିଲେ । ବିନା କାରଣରେ ତାଙ୍କ ହ୍ୱାଟ୍‌ସଆପ୍ ଅଚଳ କରାଯିବା ଏକ ବଡ଼ ଧରଣର ଷଡ଼ଯନ୍ତ୍ରର ସୂଚନା ଦେଉଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ନମ୍ବରରେ ହ୍ୱାଟ୍‌ସଆପ୍ ପୁନଃ କାର୍ଯ୍ୟକ୍ଷମ ପାଇଁ ଇଲେକ୍ଟ୍ରୋନିକ୍ସ ଓ ଇନ୍‌ଫରମେସନ୍ ଟେକ୍‌ନୋଲୋଜି ବିଭାଗ ଆଦେଶ ଜାରି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି ।

## ପୁଣି ବନ୍ଦହେଲା ଶିବ ପବିତ୍ରାରୋପଣ ନୀତି

# ପଇତା ପିନ୍ଧି ପାରିଲେନି ଶ୍ରୀଲିଙ୍ଗରାଜ

**ଭୁବନେଶ୍ୱର, ୧୦/୮ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ମଧ୍ୟ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶିବ ପବିତ୍ରାରୋପଣ ନୀତି ବନ୍ଦ ହୋଇଯାଇଛି । ଫଳରେ ପ୍ରଭୁଙ୍କୁ ପଇତାଲାଗି ହୋଇପାରିଲାନାହିଁ । ରକ୍ଷାବନ୍ଧନ ପର୍ବରେ ସାଧାରଣ ଲୋକେ ପଇତା ପିନ୍ଧିଲେ ଅଥଚ ପ୍ରଭୁ ଶ୍ରୀଲିଙ୍ଗରାଜ ପଇତା ପିନ୍ଧିପାରିଲେନି । ପ୍ରାୟ ୫ବର୍ଷ ହେଲା ଲାଗି ରହିଥିବା ସେବାୟତଙ୍କ ବିବାଦର ସମାଧାନ ହୋଇ ନଥିବାରୁ ଏଭଳି ସ୍ଥିତି ଉପୁଜିଛି । ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅନ୍ୟତମ ମୁଖ୍ୟ ନୀତି ବନ୍ଦ ହୋଇଯିବାରୁ ଶ୍ରଦ୍ଧାଳୁମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି । ରାଖୀ ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ପ୍ରଥା ଓ ପରମ୍ପରା ଅନୁସାରେ ଶିବ ପବିତ୍ରାରୋପଣ ନୀତି ପାଳିତ ହୋଇଥାଏ । ବିଧି ଅନୁସାରେ ପ୍ରଭୁଙ୍କୁ ପଇତାଲାଗି କରାଯାଏ । କିନ୍ତୁ



ଶ୍ରୀଲିଙ୍ଗରାଜଙ୍କ ବଡୁ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ଉପୁଜିଥିବା ବିବାଦ ଏହି ବିଧି ପାଳନରେ ବାଧକ ସାଜିଛି । କେଉଁ ନିଯୋଗ କେତୋଟି ପଇତାଲାଗି କରିବ, ତାହାକୁ ନେଇ ବିବାଦ ଲାଗିଛି । ୨୦୨୦ ମସିହାରୁ ଏହି ବିବାଦର ସମାଧାନ ହୋଇପାରିନାହିଁ । ଏବେ ବି ଏହି ମାମଲା ଦେବୋତ୍ତର ବିଭାଗରେ ଗଡୁଛି । ୫ବର୍ଷ ହେଲା ସ୍ଥାୟୀ ସମାଧାନ ହୋଇପାରୁନାହିଁ । ତେଣୁ ଅସ୍ଥାୟୀ ସମାଧାନ କରିବାକୁ ଯାଇ ବିବାଦ ବଢ଼ାଇବା ଓ ଠାକୁରଙ୍କୁ ଭୋକ ଉପାସରେ ରଖିବାକୁ ମନ୍ଦିର ପ୍ରଶାସନ ଚାହିଁଲା ନାହିଁ । ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏନେଇ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ବହୁ ଆଲୋଚନା ପରେ ସମସ୍ତ ସଦସ୍ୟଙ୍କ ସହମତିରେ ଏହି ବିଧି ପାଳନକୁ ବନ୍ଦ କରାଯାଇଛି ।



କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ଗୃହ ଉଦ୍‌ଘାଟନ କରିବା ଅବସରରେ ଏକ ସ୍ମାରକୀ ବୃକ୍ଷ ରୋପଣ କରୁଛନ୍ତି । ନିକଟରେ ଉପସ୍ଥିତ ଅଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

## ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ

# କେନ୍ଦ୍ର ସରକାରୀ ବ୍ୟାଙ୍କ ଗୁଡିକର ୪୪,୨୧୮ କୋଟି ଟଙ୍କାର ରେକର୍ଡ ଲାଭ : ଶୀର୍ଷରେ ଏସ୍‌ବିଆଇ

**ନୂଆଦିଲ୍ଲୀ : ୧୦/୮**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ନେତୃତ୍ୱରେ, ଦେଶର ସରକାରୀ ବ୍ୟାଙ୍କଗୁଡ଼ିକ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୪୪,୨୧୮ କୋଟି ଟଙ୍କାର ରେକର୍ଡ ଲାଭ କରିଛନ୍ତି । ଏକ ବର୍ଷ ପୂର୍ବରୁ ଜୁନ୍ ତ୍ରୈମାସିକରେ ସମସ୍ତ ୧୨ ସରକାରୀ ବ୍ୟାଙ୍କ ମିଳିତ ଭାବରେ ୩୯,୯୭୪ କୋଟି ଟଙ୍କା ଲାଭ କରିଥିଲେ । ଅର୍ଥାତ୍ ମୋଟ ଲାଭ ୪୨୪୪ କୋଟି ଟଙ୍କା ବୃଦ୍ଧି ପାଇଛି । ଏହି ତାଲିକାରେ ଏସ୍‌ବିଆଇ ଶୀର୍ଷରେ ରହିଛି । ଏପ୍ରିଲ-ଜୁନ୍ ତ୍ରୈମାସିକରେ ବ୍ୟାଙ୍କ ୧୯,୧୬୦ କୋଟି ଟଙ୍କା ନେଟ୍ ଲାଭ କରିଛି । ଏହା ୨୦୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ତୁଳନାରେ ୧୨ ପ୍ରତିଶତ ଅଧିକ । ଅର୍ଥାତ୍ ଆକାର ଏବଂ ଲାଭ ଉଭୟ ଦୃଷ୍ଟିରୁ ଦେଶର ସର୍ବବୃହତ ଋଣଦାତା ଏବେ ବି ସାର୍ବଜନୀନ ବ୍ୟାଙ୍କିଂ ମାର୍କେଟ ଉପରେ ନିୟନ୍ତ୍ରଣ ରଖିଛି । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହାର ନେଟ୍ ଲାଭ ୭୬ ପ୍ରତିଶତ ଅଭିବୃଦ୍ଧି ସହିତ ୧,୧୧୧ କୋଟି ଟଙ୍କା ହୋଇଛି । ସେହି ସମୟରେ ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କର ଲାଭ ୪୮ ପ୍ରତିଶତ ବୃଦ୍ଧି ପାଇ ୨୬୯ କୋଟି ଟଙ୍କା ହୋଇଛି । ଇଣ୍ଡିଆନ୍ ବ୍ୟାଙ୍କର ନେଟ୍ ଲାଭ ୨୩.୭ ପ୍ରତିଶତ ବୃଦ୍ଧି ପାଇ ୨,୯୭୩ କୋଟି ଟଙ୍କା ହୋଇଛି । ସେହି ସମୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ୨୩.୨ ପ୍ରତିଶତ ବୃଦ୍ଧି ସହିତ ୧,୫୯୩ କୋଟି ଟଙ୍କା ଲାଭ କରିଛି । ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଲାଭ ୩୨.୮ ପ୍ରତିଶତ ବୃଦ୍ଧି ପାଇ ୧,୧୬୯ କୋଟି ଟଙ୍କା ହୋଇଛି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ହେଉଛି ଏକମାତ୍ର ସରକାରୀ ବ୍ୟାଙ୍କ ଯାହାର କାର୍ଯ୍ୟଦକ୍ଷତା ଜୁନ୍ ତ୍ରୈମାସିକରେ ହ୍ରାସ ପାଇଛି । ଆର୍ଥିକ ବର୍ଷ ୨୦୨୫ର ପ୍ରଥମ ତ୍ରୈମାସିକରେ, ପିଏନ୍‌ବିର ନେଟ୍ ଲାଭ ୪୮ ପ୍ରତିଶତ ହ୍ରାସ ପାଇ ୧,୬୭୫ କୋଟି ଟଙ୍କାରେ ରହିଯାଇଥିଲା । ସମସ୍ତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ବିଭିନ୍ନ କ୍ଷେତ୍ରରେ ଭିନ୍ନ ଥିଲା । ପ୍ରଥମ ତ୍ରୈମାସିକ ଫଳାଫଳ ସାର୍ବଜନୀନ କ୍ଷେତ୍ରର ଋଣଦାତାମାନଙ୍କ ସ୍ଥିରତା ଏବଂ ଉନ୍ନତିର ଗତିକୁ ପ୍ରତିଫଳିତ କରେ । ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ, ସରକାରୀ ସିକ୍ୟୁରିଟିରେ ନିବେଶ, ବଣ୍ଡ ଏବଂ ସେୟାର, ଆନ୍ତଃବ୍ୟାଙ୍କ ଋଣ, ଡିଜିଟାଲ୍ ବ୍ୟାଙ୍କିଂ, ଟ୍ରେଜେରୀ ଅପରେସନ, ସେବା ଶୁଳ୍କ ଏବଂ ଫି ଭଳି ବିଭିନ୍ନ ଉପାୟରେ ଟଙ୍କା ରୋଜଗାର କରିଛନ୍ତି ।

# ଆୟକର ବିଲ୍ ୨୦୨୫ ପ୍ରତ୍ୟାହୃତ, ସିଲେକ୍ଟ କମିଟି ଆଧାରରେ ଆସିବ ନୂଆ ବିଲ୍ : ବୈଜୟନ୍ତ

**ନୂଆଦିଲ୍ଲୀ, ୧୦/୮**

ଆୟକର ବିଲ୍-୨୦୨୫ ପ୍ରତ୍ୟାହୃତ । ଆୟକର ବିଲ୍-୨୦୨୫କୁ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର । ଫେବ୍ରୁୟାରୀ ୧୩ରେ ଆଗତ ଆୟକର ବିଲ୍ ପ୍ରତ୍ୟାହୃତ ହୋଇଛି । ତର୍ଜମା ପାଇଁ ସିଲେକ୍ଟ କମିଟି ନିକଟକୁ ପଠାଯାଇଥିଲା ବିଲ୍ । ସିଲେକ୍ଟ କମିଟିର ସୁପାରିସ୍ ଆଧାରରେ କେନ୍ଦ୍ର ସରକାର ଏ ବଡ଼ ନିଷ୍ପତ୍ତି ନେଇଛନ୍ତି । ଖୁବ୍ ଶୀଘ୍ର ନୂଆ ଆୟକର ବିଲ୍ ଆଗତ କରିବେ ସରକାର । ୬ ଦଶନ୍ଧିର ପୁରୁଣା ଆୟକର ଆଇନର ସ୍ଥାନ ନେବ ନୂଆ ଆଇନ୍ । ସିଲେକ୍ଟ କମିଟିର ଅଧିକାଂଶ ସୁପାରିସ୍‌କୁ ସାମିଲ କରି ଏକ ନୂଆ ଆୟକର ବିଲ୍



ସୋମବାର ଉପସ୍ଥାପନ କରାଯିବ ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏକାଧିକ ସଂସ୍କରଣ ଯୋଗୁଁ ବିଲ୍‌ରେ ଥିବା ଦ୍ୱନ୍ଦ୍ୱ ଏଡାଇବା ସହ କିଛି ପରିବର୍ତ୍ତନ କରାଯିବ । ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ସିଲେକ୍ଟ କମିଟି ଗତ ଜୁଲାଇ ୨୧ରେ ସଂସଦରେ ତାଙ୍କ ରିପୋର୍ଟ ଦାଖଲ କରିଛନ୍ତି । ୧୯୬୧ର ପୁରୁଣା ଆଇନକୁ ବଦଳାଇବା ପାଇଁ ଏହା ଉଦ୍ଦିଷ୍ଟ । ଅନେକ ପ୍ରସ୍ତାବ ମଧ୍ୟରେ, କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସାଧାରଣ କରଦାତାଙ୍କ ପାଇଁ ସିଧାସଳଖ ଲାଭଦାୟକ ହୋଇପାରେ । ଅନେକ କରଦାତା ଟିଡିଏସ କିମ୍ବା ଟିସିଏସ ପାଇଁ ରିଫଣ୍ଡ ପାଇବାରେ ଦୀର୍ଘ ବିଳମ୍ବର ସମ୍ମୁଖୀନ ହୁଅନ୍ତି । ତେଣୁ ରିଫଣ୍ଡ ପ୍ରକ୍ରିୟା ଶୀଘ୍ର, ସହଜ ଏବଂ ଅଧିକ ପାରଦର୍ଶୀ ହେବା ପାଇଁ ଏଥିରେ ବ୍ୟବସ୍ଥା କରାଯାଇପାରେ । ସିବିଡିଟି (କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ) ମଧ୍ୟ କହିଛନ୍ତି ଯେ "ସହାନୁଭୂତି ସହିତ ପ୍ରୟୋଗ" ନାମକ ନୀତି ଅଧୀନରେ ନୂଆ ନିୟମ ପ୍ରସ୍ତୁତ କରାଯାଉଛି, ଯାହା କରଦାତାଙ୍କ ପାଇଁ ଅସୁବିଧା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି ।

# ସ୍ୱାୟତ୍ତ ଶାସନ ଦିବସରେ ସହରାଞ୍ଚଳବାସୀଙ୍କୁ ବଡ଼ ଭେଟି ଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦/୮ ନ୍ୟୁଜ ବ୍ୟୁରୋ**

ଏଥର ସ୍ୱାୟତ୍ତ ଶାସନ ଦିବସ ଧୁମ୍‌ଧାମ୍‌ରେ ପାଳନ ହେବ । ରାଜ୍ୟର ୧୧୫ଟି ଯାକ ସହରାଞ୍ଚଳରେ ଶତାଧିକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହେବ । ଏଥିପାଇଁ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଅଗଷ୍ଟ ୨୫ରୁ ୩୦ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ମନ୍ତ୍ରୀ, ବିଧାୟକ, ପୌର ସଂସ୍ଥାଗୁଡ଼ିକର ମେୟର, ପୌରାଧ୍ୟକ୍ଷମାନେ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହରାଞ୍ଚଳବାସୀଙ୍କୁ ବଡ଼ ଭେଟି ଦେବେ ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସୂତ୍ରରୁ ଜାଣିବାକୁ ମିଳିଛି । ସବୁ





ପୌର ସଂସ୍ଥା ଏଥରର ସ୍ୱାୟତ୍ତ ଶାସନ ଦିବସକୁ ଲୋକଙ୍କ ସହ ପାଳନ କରିବା ସହ ସମସ୍ତଙ୍କ ପାଇଁ ସ୍ମରଣୀୟ କରିବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି । ଏଥିପାଇଁ କେଉଁ ପୌରସଂସ୍ଥାରେ କେଉଁ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ହେବ ତା'ର ତାଲିକା ଦେବାକୁ କୁହାଯାଇଛି । ସମସ୍ତ ବଡ଼ ପ୍ରକଳ୍ପକୁ ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରିବା ଏବଂ ଅନ୍ୟ ପ୍ରକଳ୍ପକୁ ଅଗଷ୍ଟ ୨୫ରୁ ୩୦ ମଧ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଉଦ୍‌ଘାଟନ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସ୍ଥାନୀୟ ଲୋକଙ୍କୁ ସାମିଲ କରିବା, ସେମାନଙ୍କ ଦାବି ହେଉଥିବା ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିବା, 'ଏକ ପେଡ୍ ମା'କେ ନାମ୍' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ, ଗ୍ରିନ୍ ୱାର୍ଡ ଅଭିଯାନର ଶୁଭାରମ୍ଭ, ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରିବା, ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା, 'ଘରେ ଘରେ ତ୍ରିରଙ୍ଗା- ଘରେ ଘରେ ସ୍ୱଚ୍ଛତା' ଅଭିଯାନରେ ଲୋକଙ୍କୁ ଯୋଡ଼ିବା ପାଇଁ ପଥ ଉତ୍ସବ କରିବା ଏବଂ ଏଥିରେ ଗୋଷ୍ଠୀ ମନୋରଂଜନ ଓ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ଯୁବବର୍ଗଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି ।

# ୟୁପିଆଇକୁ ନେଇ ଆରବିଆଇର ଚେତାବନୀ

**ନୂଆଦିଲ୍ଲୀ, ୧୦/୦୮**

ୟୁପିଆଇକୁ ନେଇ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ)ର ବଡ଼ ଚେତାବନୀ । ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ, ଦେଶରେ ପେମେଣ୍ଟ ସିଷ୍ଟମରେ ବିପ୍ଳବ ଆଣିଥିବା ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ ବା ୟୁପିଆଇ ସବୁଦିନ ପାଇଁ ମାଗଣା ହୋଇନପାରେ । ସେ ସୂଚିତ କରିଛନ୍ତି ଯେ ଡିଜିଟାଲ ପେମେଣ୍ଟ ଇନଫ୍ରାଷ୍ଟ୍ରକଚର ଚଳାଉଥିବାର ଖର୍ଚ୍ଚ ଉପଭୋକ୍ତାମାନଙ୍କ



ଉପରେ ଲଦିବାକୁ ପଡ଼ିପାରେ ବୋଲି ସେ ସଙ୍କେତ ଦେଇଛନ୍ତି । ସଞ୍ଜୟ ମାଲହୋତ୍ରା ଏମପିସିର ବୈଠକ ପରେ ଆୟୋଜିତ ପ୍ରେସ୍‌ମିଟ୍‌ରେ କହିଛନ୍ତି ଯେ, ଏହା ଏବେ ବି ମାଗଣା ନୁହେଁ । ଏଥିପାଇଁ କିଏ ନା କିଏ ପେମେଣ୍ଟ କରୁଛି । ସରକାର ତାଙ୍କୁ ସବସିଡି ଦେଉଛନ୍ତି । ସେହିପରି ଯେତେବେଳେ ତାଙ୍କୁ ପଚରାଗଲା ଯେ, ମର୍ଚ୍ଚେଣ୍ଟ ଡିସକାଉଣ୍ଟ ରେଟ୍ ଉପଭୋକ୍ତାଙ୍କ ଉପରେ ଲଗାଯାଇପାରେ କି ? ଏନେଇ ସେ କହିଛନ୍ତି ଯେ, ଖର୍ଚ୍ଚ ହେଉଛି ଏବଂ ଏହି ଖର୍ଚ୍ଚ କାହାରିକୁ ନା କାହାରିକୁ ପେମେଣ୍ଟ କରିବାକୁ ପଡୁଛି । ଏମଡିଆର ସେହି ଶୁଳ୍କ ଯାହା ପେମେଣ୍ଟ ପ୍ରୋସେସିଂ କମ୍ପାନୀଗୁଡ଼ିକ ଦୋକାନ ଏବଂ ବ୍ୟବସାୟଗୁଡ଼ିକରେ ଡିଜିଟାଲ ପେମେଣ୍ଟ ସ୍ୱୀକାର କରିବାରେ ଆଣିଥାଏ ।

# କଟକ ରେଳ ଷ୍ଟେସନରେ ହେବ ଏୟାର-କନକୋର୍ସ ଗ୍ରୀଡ





**ଭୁବନେଶ୍ୱର ୧୦/୦୮**
**ନ୍ୟୁଜ ବ୍ୟୁରୋ**

କଟକ ରେଳ ଷ୍ଟେସନରେ ଏୟାର କନକୋର୍ସ ଗ୍ରୀଡ୍ ନିର୍ମାଣ ହେବ । ଏହା ସହ ଗ୍ରାନାଇଟ୍ ଫ୍ଲୋରିଂ ଏବଂ ପ୍ରିକାଷ୍ଟ କପିଂ ବ୍ଲକ୍ ସହିତ ପ୍ଲାଟଫର୍ମ ପୃଷ୍ଠର ନବୀକରଣ କରାଯିବ । ପ୍ଲାଟଫର୍ମ ଆଶ୍ରୟସ୍ଥଳ, ଏୟାର କନକୋର୍ସ ପାଇଁ ପାଇଲ୍ ଫାଉଣ୍ଡେସନ୍ ଏବଂ ଷ୍ଟିଲ୍ ସ୍ତମ୍ଭ ଓ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହେବ । ଏହାକୁ ଦୃଷ୍ଟିରେ ରଖି ସୋମବାର ଠାରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ୪୦ ଦିନ ପାଇଁ ଡାଇଭର୍ଟ ରୁଟ୍‌ରେ ତିନୋଟି ଦୂରଗାମୀ ଟ୍ରେନ ଚଳାଚଳ କରିବ । ବାରଙ୍ଗ-କଟକ-କପିଳାସ ରୋଡ୍ ଦେଇ ନିର୍ଦ୍ଧାରିତ ପଥ ପରିବର୍ତ୍ତେ ବାରଙ୍ଗ-ନରାଜ ମାର୍ଥାପୁର-କପିଳାସ ରୋଡ୍ ଦେଇ ତିନୋଟି ଦୂରଗାମୀ ଟ୍ରେନ ଚାଲିବ । କଟକ ଷ୍ଟେସନରେ ଏହି ଟ୍ରେନଗୁଡ଼ିକର ରହଣି ବାଦ୍ ଦିଆଯିବ । ଆସନ୍ତା ୧୧ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ଅସ୍ଥାୟୀ ରହଣି ଯୋଗାଇ ଦିଆଯିବ । କୋଏମ୍ବାଟୁର-ସିଲଚର ସାପ୍ତାହିକ ସୁପରଫାଷ୍ଟ ଏକ୍ସପ୍ରେସ, ଏର୍ଣ୍ଣାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ବେଙ୍ଗାଲୁରୁ-ଗୌହାଟି ତ୍ରିସାପ୍ତାହିକ ଏକ୍ସପ୍ରେସ ଆସନ୍ତା ୧୧ରୁ ସେପ୍ଟେମ୍ବର ୨୧ ପର୍ଯ୍ୟନ୍ତ କଟକ ରେଳ ଷ୍ଟେସନ ପରିବର୍ତ୍ତେ ନରାଜ ମାର୍ଥାପୁର ରେଳ ଷ୍ଟେସନରେ ରହିବ ।

# ଦମ୍ପତିଙ୍କୁ ଛୁରାମାଡ଼

**କଟକ, ୧୦/୦୮ ନ୍ୟୁଜ ବ୍ୟୁରୋ**

ବିଡାନାସୀ ନୂଆସାହି ଅଞ୍ଚଳରେ ସ୍ୱାମୀ ସ୍ତ୍ରୀଙ୍କୁ ଜଣେ ଯୁବକ ଆକ୍ରମଣ କରିଛି । ଆହତ ସ୍ୱାମୀ ସ୍ତ୍ରୀ ହେଲେ ସୁକଦେବ ଦଳେଇ ଓ ସୁଜାତା ଭଟ୍ଟ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାମାନ୍ୟ ବଚସାରୁ ପ୍ରଥମେ ସ୍ତ୍ରୀ ସମ୍ମୁଖରେ ସ୍ୱାମୀକୁ ଛୁରୀରେ ଆକ୍ରମଣ ଓ ପରେ ପ୍ରତିବାଦ କରିବାରୁ ସ୍ତ୍ରୀକୁ ଆକ୍ରମଣ କରିଛି କେନ୍ଦ୍ରାପଡ଼ା ଜିଲ୍ଲା ଗଗୁଆ ଅଞ୍ଚଳର ଗୋବିନ୍ଦ ମାଲିକ । ଗୁରୁତର ସୁକଦେବ ଦଳେଇଙ୍କ ଘର ବଡ଼ମ୍ବା ଅଞ୍ଚଳରେ ବୋଲି ସୂଚନା ମିଳିଛି ।

# ବଢୁଛି ଜଙ୍ଗଲ: ନନ୍ଦନକାନନରେ କମୁଛି ସିଂହଙ୍କ ସଂଖ୍ୟା

**ବାରଙ୍ଗ, ୧୦/୦୮ ନ୍ୟୁଜ ବ୍ୟୁରୋ**

ଜଙ୍ଗଲର ରାଜା ସିଂହ । ଏବେ ଜଙ୍ଗଲ ଅଛି, କିନ୍ତୁ ନାହାନ୍ତି ସିଂହ । ପରିବେଶ ସନ୍ତୁଳନ ପାଇଁ ସିଂହ ବଂଶ ବୃଦ୍ଧି ଓ ସେମାନଙ୍କ ସୁରକ୍ଷା ଏବେ ପ୍ରମୁଖ ପ୍ରସଙ୍ଗ ହୋଇଛି । ଏଥିପାଇଁ ୨୦୧୩ ଅଗଷ୍ଟ ୧୦ରେ ବିଶ୍ୱ ସିଂହ ଦିବସ ପାଳନ କରାଯାଇ ଏମାନଙ୍କ ସୁରକ୍ଷା କଥା ଚିନ୍ତା କରାଯାଉଛି । ଜଙ୍ଗଲରେ ସିଂହ ନଥିବାବେଳେ ପୃଥିବୀର ବିଭିନ୍ନ ଚିଡ଼ିଆଖାନାରେ ଏମାନଙ୍କୁ ରଖାଯାଇ ବଂଶ ବୃଦ୍ଧି କରାଯାଇପାରୁଛି । ମାତ୍ର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିଂହ ସଂଖ୍ୟା କମିବାରେ ଲାଗିଛି । ଏଠାରେ ଏବେ ୨୨ଟି ସିଂହ ଅଛନ୍ତି । ସେଥିରୁ ୧୩ଟି ଅଣ୍ଡିରା ଓ ୯ଟି ମାଈ । ସିଂହ ବଂଶ ବୃଦ୍ଧି ପାଇଁ ୨୦୨୦ରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିଲା । ସେ ସମୟରେ ପ୍ରାଣୀ ଉଦ୍ୟାନରେ ଥିଲେ ୧୦ଟି ସିଂହ ଓ ସିଂହୀ । ବିଳାସପୁର ଚିଡ଼ିଆଖାନାରୁ ୧୭ ମାର୍ଚ୍ଚ ୨୦୨୦ରେ ୪ଟି



(ବସନ୍ତ, ସମ୍ରାଟ, ଜୟ, ଶରତ) ସିଂହ ଅଣାଯାଇଥିଲା । ପୁଣି ସେହିବର୍ଷ ୨୦ ଡିସେମ୍ବରରେ କମଳାନେହେରୁ ପ୍ରାଣୀ ଉଦ୍ୟାନ ଇନ୍ଦୋରରୁ ୨ଟି (ବିଜିଳି ଓ ରେୱା) ସିଂହୀ ଆସିଥିଲେ । ସିଂହୀ ବିଜଲୀ ଓ ସିଂହ ସମ୍ରାଟ ମିଳନରେ ବିଜ୍‌ଲୀ ୨୧ ଜୁଲାଇ ୨୦୨୧ରେ ୩ଟି , ୧୭ ଏପ୍ରିଲ ୨୦୨୨ରେ ଗୋଟିଏ, ୨୨ ନଭେମ୍ବର ୨୦୨୨ରେ ୪ଟି, ୨୯ ଅଗଷ୍ଟ ୨୦୨୪ରେ ୫ଟି ଶାବକ ଜନ୍ମ ଦେଇଥିଲା । ସିଂହୀ 'ରେୱା' ସହିତ ସିଂହ 'ଜିତ୍'ର ମିଳନରେ ରେୱା ୩ ଥରରେ ୮ଟି ଶାବକ ଜନ୍ମ ଦେଇଛି । ୧୦ ଜାନୁଆରୀ ୨୦୨୩ରେ ୨ଟି, ୨୪ ମାର୍ଚ୍ଚ ୨୦୨୪ରେ ୩ଟି ଓ ୨୫ ଜାନୁଆରୀ ୨୦୨୫ରେ ୩ଟି ଶାବକ ଜନ୍ମ ଦେଇଥିଲା । ୨୭ ଜାନୁଆରୀ ୨୦୨୫ରେ ରେୱାର ହଠାତ ମୃତ୍ୟୁ ହୋଇଥିଲା । ଦିନେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସିଂହ ସଂଖ୍ୟା ୫୦ରୁ ଅଧିକ ଥିଲା । ପ୍ରତିଷ୍ଠା ହୋଇଥିଲା ସିଂହ ସଫାରୀ । କିନ୍ତୁ ସିଂହ ସଂଖ୍ୟା କମୁଥିବାରୁ କର୍ତ୍ତୃପକ୍ଷ ରକ୍ତ ସମ୍ପର୍କ ପରିବର୍ତ୍ତନ ପାଇଁ ଅନ୍ୟ ଚିଡ଼ିଆଖାନାରୁ ସିଂହ ଆଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି ।

# ମା' କ୍ଷୀର ଖାଉଛନ୍ତି କେବଳ ୭୨.୯% ଶିଶୁ : ଡବା କ୍ଷୀରର ଚାହିଦା ବଢୁଛି

**ଭୁବନେଶ୍ୱର, ୧୦/୮**
**ନ୍ୟୁଜ ବ୍ୟୁରୋ**

ମାଆ କ୍ଷୀର ଅମୃତ ସମାନ । ନବଜାତ ଶିଶୁକୁ ମାଆ କ୍ଷୀର ନିରୋଗୀ ରଖିଥାଏ । ମାଆ କ୍ଷୀରର ମହତ୍ୱ ପ୍ରତି ଘରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ସାରା ଦେଶ ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ତାରିଖ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରି ଆସୁଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜରିଆରେ ଏହି ଦିବସ ପାଳନ ସହ ପ୍ରଚାରପ୍ରସାର ଉଦ୍ଦେଶ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଓଡ଼ିଶାରେ ଏହି ସ୍ଥିତିରେ ଅଦ୍ୟାବଧି ସୁଧାର ଆସି ପାରିନି । ମାଆ କ୍ଷୀର ଅପେକ୍ଷା ଡବା କ୍ଷୀର ଉପରେ ନିର୍ଭରଶୀଳତା ବଢ଼ିଚାଲିଛି । ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ସ୍ଥିତି ଅଧିକ ଉଦ୍‌ବେଗଜନକ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ରିପୋର୍ଟରେ ଏହା କୁହାଯାଇଛି ।



ଓଡ଼ିଶାରେ ସ୍ୱାସ୍ଥ୍ୟ ବିଭାଗ ମାର୍ଗଦର୍ଶିକା ଆଧାରରେ ୭୨.୯ ପ୍ରତିଶତ ଶିଶୁ କେବଳ ମାଆ କ୍ଷୀର ପିଇବାର ସୁଯୋଗ ପାଉଛନ୍ତି । ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଜନ୍ମର ୧ଘଣ୍ଟା ଭିତରେ ନବଜାତକୁ ସ୍ତନ୍ୟପାନ ହାର ୬୮.୫ ପ୍ରତିଶତ ରହିଥିଲା । ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ବି ଏହା ଅପରିବର୍ତ୍ତିତ ରହିଛି । ରାଜଧାନୀ ସହ ଖୋର୍ଦ୍ଧା ଜିଲ୍ଲାରେ ଏହି ହାର ୭୩.୩ ପ୍ରତିଶତ ରହିଛି । ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜରିଆରେ ପ୍ରତି ୫ ବର୍ଷରେ ଥରେ ଏନ୍‌ଏଫ୍‌ଏଚ୍‌ଏସ୍ କରାଯାଇଥାଏ । ଶେଷଥର ଏନ୍‌ଏଫ୍‌ଏଚ୍‌ଏସ୍-୫ ୨୦୧୯-୨୧ ମସିହାରେ କରାଯାଇଥିଲା । ଏନ୍‌ଏଫ୍‌ଏଚ୍‌ଏସ୍-୫ ରିପୋର୍ଟ ଅନୁଯାୟୀ, ଡାକ୍ତରଖାନାରେ ଜନ୍ମହାରରେ ବୃଦ୍ଧି ଘଟିଛି । ପୂର୍ବରୁ ଏହି ହାର ୮୫.୩ ପ୍ରତିଶତ ଥିଲା, ଯାହା ଏବେ ୯୨.୨ ପ୍ରତିଶତ ରହିଛି । କିନ୍ତୁ ଶିଶୁଙ୍କ ସ୍ତନ୍ୟପାନ କଥା ଦେଖିଲେ, ୬୮.୫ ପ୍ରତିଶତ (ଗ୍ରାମାଞ୍ଚଳ ୬୮.୬ ଓ ସହରାଞ୍ଚଳ ୬୭.୯ ପ୍ରତିଶତ) ଶିଶୁ ଜନ୍ମର ୧ ଘଣ୍ଟା ଭିତରେ ସ୍ତନ୍ୟପାନ କରୁଛନ୍ତି । ୬ ମାସ ପର୍ଯ୍ୟନ୍ତ ମାଆ କ୍ଷୀର ପିଇବା ପୁଷ୍ଟିକର ଓ ଶିଶୁର ସ୍ୱାସ୍ଥ୍ୟଗତ ବୃଦ୍ଧି ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଏହି ହାର ୭୨.୯ ପ୍ରତିଶତ ରହିଛି । ଗ୍ରାମାଞ୍ଚଳ ହାର ୭୩.୭ ପ୍ରତିଶତ ଓ ସହରାଞ୍ଚଳ ହାର ୬୮.୩ ପ୍ରତିଶତ ରହିଛି । ୬ରୁ ୮ ମାସ ଭିତରେ ଖାଦ୍ୟ ସହ ମାଆ କ୍ଷୀର ପିଉଥିବା ଶିଶୁଙ୍କ ହାର ୬୭.୫ ପ୍ରତିଶତ ରହିଛି । ଯେଉଁଥିପାଇଁ ଶିଶୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି । ଏନ୍‌ଏଫ୍‌ଏଚ୍‌ଏସ୍-୫ ତଥ୍ୟ ଅନୁଯାୟୀ, ବୟସ ଅନୁସାରେ ଉଚ୍ଚତା ବଢୁଥିବା ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ହାର ୩୧ ପ୍ରତିଶତ(ଗ୍ରାମାଞ୍ଚଳ ୩୨ ପ୍ରତିଶତ ଓ ସହରାଞ୍ଚଳ ୨୪.୯ ପ୍ରତିଶତ), ବୟସ ଅନୁସାରେ ଓଜନ କମ୍ ଥିବା ହାର ୨୯.୭ ପ୍ରତିଶତ(ଗ୍ରାମାଞ୍ଚଳରେ ୩୧ ପ୍ରତିଶତ ଓ ସହରାଞ୍ଚଳରେ ୨୧.୫ ପ୍ରତିଶତ), ଉଚ୍ଚତାଠାରୁ ଓଜନ ଅଧିକ ଥିବା ଶିଶୁଙ୍କ ହାର ୩.୫ ପ୍ରତିଶତ(ଗ୍ରାମାଞ୍ଚଳରେ ୩.୨ ଓ ସହରାଞ୍ଚଳରେ ୫.୫ ପ୍ରତିଶତ) ରହିଛି ।

ଓଡ଼ିଶାରେ ପ୍ରତି ଜିଲ୍ଲାରେ ପ୍ରତିବର୍ଷ ସ୍ତନ୍ୟପାନ ସପ୍ତାହ ପାଳନ ଯେ ଲୋକଦେଖାଣିଆ ଏଥିରୁ ଜଳଜଳ ଦିଶୁଛି । ପ୍ରଚାରପ୍ରସାର ଓ ସଂପୃକ୍ତ ଅଧିକାରୀଙ୍କ ଆନ୍ତରିକତାର ଅଭାବରୁ ସରକାରଙ୍କ ଲକ୍ଷ୍ୟ ବାଟବଣା ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।